शिक्षा मंत्रालय
स्कूल शिक्षा और साक्षरता विभाग
MINISTRY OF EDUCATION
Department of School Education & Literacy

समग्र शिक्षा
Samagra Shiksha

# ବିଦ୍ୟାଳୟ ପରିଚାଳନା ସମିତି ପାଇଁ ନିର୍ଦ୍ଦେଶାବଳୀ(ଏସ୍.ଏମ୍.ସି)




ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ,
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
(ମଇ 2026)

**ମଇ 2026**
PD 0.5H BS

© ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, 2026

ପ୍ରକାଶନ ବିଭାଗରେ ସଚିବଙ୍କ ଦ୍ୱାରା ପ୍ରକାଶିତ, ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ – 110 016 ଏବଂ ନାରାୟଣ ପ୍ରିଣ୍ଟର୍ସ ଆଣ୍ଡ ବାଇଣ୍ଡର୍ସ, ଡି-177-178, ସେକ୍ଟର-63, ନୋଏଡା (ୟୁ.ପି.) 201301 ଠାରେ ମୁଦ୍ରିତ

शिक्षा मंत्रालय
स्कूल शिक्षा और साक्षरता विभाग
MINISTRY OF EDUCATION
Department of School Education & Literacy

समग्र शिक्षा
Samagra Shiksha

# ବିଦ୍ୟାଳୟ ପରିଚାଳନା ସମିତି ପାଇଁ ନିର୍ଦ୍ଦେଶାବଳୀ(ଏସ୍.ଏମ୍.ସି)

ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ,
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
(ମଇ 2026)

धर्मेन्द्र प्रधान
ଧର୍ମେନ୍ଦ୍ର ପ୍ରଧାନ
Dharmendra Pradhan

सत्यमेव जयते

शिक्षा मंत्री
भारत सरकार
Minister of Education
Government of India



## ସନ୍ଦେଶ

ମୁଁ ଏହା ଜାଣି ଆନନ୍ଦିତ ଯେ, ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ବିଦ୍ୟାଳୟ ପରିଚାଳନା ସମିତି (ଏସ୍.ଏମ୍.ସି) ନିର୍ଦ୍ଦେଶାବଳୀ, 2026 ଜାରି କରାଯାଉଛି। ଏହି ନିର୍ଦ୍ଦେଶାବଳୀଗୁଡ଼ିକ ସମେତ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ସହଭାଗୀ ବିଦ୍ୟାଳୟ ବିକାଶ ଯୋଜନାକୁ ସଶକ୍ତ କରିବା ତଥା ବିଦ୍ୟାଳୟ, ଅଭିଭାବକ, ସ୍ଥାନୀୟ ପ୍ରାଧିକରଣ, ଅନ୍ୟାନ୍ୟ ବିଭାଗ ଏବଂ ସମୁଦାୟ ମଧ୍ୟରେ ସହଯୋଗ ଓ ସମନ୍ୱୟକୁ ସୁଦୃଢ଼ କରିବାରେ ଏସ୍.ଏମ୍.ସିର ଭୂମିକା ଓ ଦାୟିତ୍ୱଗୁଡ଼ିକୁ ସ୍ପଷ୍ଟ ଭାବରେ ପରିଭାଷିତ କରୁଛି।

ଜାତୀୟ ଶିକ୍ଷା ନୀତି (ଏନ୍.ଇ.ପି)-2020 ଶିକ୍ଷାକୁ ସରକାର, ବିଦ୍ୟାଳୟ, ଅଭିଭାବକ ଏବଂ ସମୁଦାୟର ଏକ ମିଳିତ ଦାୟିତ୍ୱ ଭାବରେ ସ୍ୱୀକୃତି ଦେଇଥାଏ। ଏନ୍.ଇ.ପି-2020 ଏହା ଉପରେ ଗୁରୁତ୍ୱାରୋପ କରେ ଯେ, ବିଦ୍ୟାର୍ଥୀମାନଙ୍କର ଶିକ୍ଷଣ, କଲ୍ୟାଣ ତଥା ବିଦ୍ୟାଳୟର ଉତ୍ତରଦାୟିତ୍ୱରେ ଉନ୍ନତି ଆଣିବା ପାଇଁ ; ବିଶେଷକରି ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ପିଲାମାନଙ୍କ କ୍ଷେତ୍ରରେ; ଅଭିଭାବକ ଓ ସମୁଦାୟର ସାର୍ଥକ ସହଭାଗିତା ଅତ୍ୟନ୍ତ ଆବଶ୍ୟକ। ମୋର ଦୃଢ଼ ବିଶ୍ୱାସ ଯେ, ସଶକ୍ତ ଓ ପ୍ରଭାବଶାଳୀ ଭାବେ କାର୍ଯ୍ୟରତ ବିଦ୍ୟାଳୟ ପରିଚାଳନା ସମିତି (ଏସ୍.ଏମ୍.ସି) ଅନ୍ତର୍ନିବେଶୀ, ସହଯୋଗୀ ଓ ପ୍ରଭାବଶାଳୀ ଶିକ୍ଷଣ ପରିବେଶ ନିର୍ମାଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ମାନନୀୟ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ @2047ର ଦୂରଦୃଷ୍ଟିରେ ଶିକ୍ଷାକୁ ରାଷ୍ଟ୍ର ନିର୍ମାଣର କେନ୍ଦ୍ରରେ ତଥା ଜନଭାଗିଦାରୀକୁ ଶାସନର ଆଧାରଶିଳା ଭାବରେ ସ୍ଥାପିତ କରାଯାଇଛି। ଏକ ସଶକ୍ତ, ଅନ୍ତର୍ନିବେଶୀ ଓ ଆତ୍ମନିର୍ଭର ଭାରତର ନିର୍ମାଣ ସେତେବେଳେ ହିଁ ସମ୍ଭବ, ଯେତେବେଳେ ପ୍ରତ୍ୟେକ ପିଲା ଗୁଣାତ୍ମକ ଶିକ୍ଷା ଲାଭ କରିବେ ଏବଂ ସମୁଦାୟ ନିଜ ବିଦ୍ୟାଳୟଗୁଡ଼ିକର ଭବିଷ୍ୟତ ଗଠନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବ।

ଏହି ପରିପ୍ରେକ୍ଷୀରେ, ବିଦ୍ୟାଳୟ ପରିଚାଳନା ସମିତି (ଏସ୍.ଏମ୍.ସି) ତୃଣମୂଳ ସ୍ତରରେ ବିଦ୍ୟାଳୟ ଶିକ୍ଷାକୁ ସୁଦୃଢ଼ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଅଭିଭାବକ, ଶିକ୍ଷକ ଏବଂ ସମୁଦାୟର ସଦସ୍ୟମାନଙ୍କୁ ଏକତ୍ର କରି, ଏସ୍.ଏମ୍.ସି ବିଦ୍ୟାଳୟଗୁଡ଼ିକୁ ଶିକ୍ଷଣ ଫଳାଫଳରେ ଉନ୍ନତି ଆଣିବା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା, ଏବଂ ସମାନତାକୁ ପ୍ରୋତ୍ସାହିତ କରିବାରେ ସହାୟତା କରେ। ବିଦ୍ୟାଳୟ ଯୋଜନା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କର ସମ୍ପୃକ୍ତି, ବିଦ୍ୟାଳୟଗୁଡ଼ିକୁ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିବାରେ ସାହାଯ୍ୟ କରେ ଏବଂ ସମୁଦାୟ ମଧ୍ୟରେ ଏକ ଦୃଢ଼ ଆପଣାପଣ ଭାବ ଓ ବିଶ୍ୱାସ ସୃଷ୍ଟି କରେ।

ବିକଶିତ ଭାରତ @2047 ଦିଗରେ ଯାତ୍ରା ସକ୍ଷମ, ଆତ୍ମବିଶ୍ୱାସୀ ଏବଂ ଦାୟିତ୍ୱବାନ ନାଗରିକ ଗଠନ ଉପରେ ନିର୍ଭର କରେ। ସକ୍ରିୟ ଓ ସଶକ୍ତ ଏସ୍.ଏମ୍.ସି ଦ୍ୱାରା ସମର୍ଥିତ ସୁଦୃଢ଼ ବିଦ୍ୟାଳୟଗୁଡ଼ିକ ଏହି ଜାତୀୟ ଲକ୍ଷ୍ୟ ହାସଲ କରିବା ପାଇଁ ମୌଳିକ ଅଟେ। ତୃଣମୂଳ ସ୍ତରରେ ବିଦ୍ୟାଳୟ ପ୍ରଶାସନକୁ ସୁଦୃଢ଼ କରି ଆମେ ଆମର ପିଲାମାନଙ୍କର ଭବିଷ୍ୟତ ଏବଂ ଭାରତର ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରୁଛୁ।

ମୋର ଦୃଢ଼ ବିଶ୍ୱାସ ଯେ, ଏହି ନିର୍ଦ୍ଦେଶାବଳୀ ସାରା ଦେଶରେ ପ୍ରଭାବଶାଳୀ ବିଦ୍ୟାଳୟ ପ୍ରଶାସନ ପାଇଁ ଏକ ସୁଦୃଢ଼ ଓ ଭବିଷ୍ୟତ-ଉପଯୋଗୀ ରୂପରେଖ ପ୍ରଦାନ କରିବ ଏବଂ ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ, ସମାନତାପୂର୍ଣ୍ଣ ଏବଂ ସାମଗ୍ରିକ ଶିକ୍ଷା ସୁନିଶ୍ଚିତ କରିବାରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବ।

ଧର୍ମେନ୍ଦ୍ର ପ୍ରଧାନ

**ସମସ୍ତଙ୍କ ପାଇଁ ଶିକ୍ଷା, ଭଲ ଶିକ୍ଷା**

ରୁମ୍ ନଂ - 21107, ପ୍ରଥମ ମହଲା, ମାନ୍ୟବର ଶିକ୍ଷା ମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗେଟ୍ ନଂ - 04, କର୍ତ୍ତବ୍ୟ ଭବନ-2, ନୂଆଦିଲ୍ଲୀ-110001ଇ-ମେଲ୍: minister.sm@gov.in

जयन्त चौधरी
JAYANT CHAUDHARY

कौशल विकास और उद्यमशीलता
राज्य मंत्री (स्वतंत्र प्रभार) एवं
शिक्षा राज्य मंत्री
भारत सरकार
Minister of State (Independent Charge) for
Skill Development and Entrepreneurship
and Minister of State for Education
Government of India



## ସନ୍ଦେଶ

ଶିକ୍ଷା ହେଉଛି ଜାତୀୟ ବିକାଶର କେନ୍ଦ୍ରବିନ୍ଦୁ, ଏବଂ ସାମୁଦାୟିକ ଅଂଶଗ୍ରହଣ ଏହାର ସବୁଠାରୁ ଶକ୍ତିଶାଳୀ ପ୍ରେରଣାଦାୟୀ ଶକ୍ତି। ଏକ ଅନ୍ତର୍ଭୁକ୍ତୀକରଣ ଏବଂ ଭବିଷ୍ୟତ-ଉନ୍ମୁଖୀ ରାଷ୍ଟ୍ର ନିର୍ମାଣ ପାଇଁ ଆମ ବିଦ୍ୟାଳୟଗୁଡ଼ିକ ସମୁଦାୟ ସହିତ ସଂଯୁକ୍ତ ହେବା ଆବଶ୍ୟକ। ସମୁଦାୟର ସକ୍ରିୟ ସହଯୋଗ ବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ ଓ ଜୀବନ୍ତ କରିଥାଏ।

ଜାତୀୟ ଶିକ୍ଷା ନୀତି (ଏନ୍.ଇ.ପି) 2020 ବିଦ୍ୟାଳୟଗୁଡ଼ିକୁ ଏପରି ଜୀବନ୍ତ ଅନୁଷ୍ଠାନ ଭାବରେ ଦେଖେ, ଯେଉଁଠାରେ ଅଭିଭାବକ, ଶିକ୍ଷକ ଏବଂ ସ୍ଥାନୀୟ ହିତାଧିକାରୀମାନେ ମିଳିତ ଭାବରେ ସାମଗ୍ରିକ ବିକାଶ, ଉନ୍ନତ ଶିକ୍ଷଣ ଫଳାଫଳ ଏବଂ ପ୍ରତ୍ୟେକ ଶିଶୁର କଲ୍ୟାଣ ସୁନିଶ୍ଚିତ କରନ୍ତି। ଏହି ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ବିଦ୍ୟାଳୟ ପରିଚାଳନା ସମିତି (ଏସ୍.ଏମ୍.ସି ଗୁଡ଼ିକ), ଯାହା ସାମୁଦାୟିକ ଅଂଶଗ୍ରହଣ, ସହଭାଗୀ ଦାୟିତ୍ୱ ଏବଂ ସାମୂହିକ କାର୍ଯ୍ୟ ପାଇଁ ତୃଣମୂଳ ସ୍ତରରେ ଏକ ମଞ୍ଚ ପ୍ରଦାନ କରେ।

ବିଦ୍ୟାଳୟ ପରିଚାଳନା ସମିତି ନିର୍ଦ୍ଦେଶାବଳୀ, 2026 ଏହି ଢାଞ୍ଚାକୁ ଆହୁରି ସୁଦୃଢ଼ କରେ। ଏହି ନିର୍ଦ୍ଦେଶାବଳୀଗୁଡ଼ିକ ଏସ୍.ଏମ୍.ସିଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଓ ସଶକ୍ତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହା ଅଧୀନରେ ଭୂମିକା ଓ ଦାୟିତ୍ୱଗୁଡ଼ିକୁ ସ୍ପଷ୍ଟ କରାଯାଇଛି, ଅନ୍ତର୍ଭୁକ୍ତୀକରଣ ଓ ଲିଙ୍ଗଗତ ସନ୍ତୁଳିତ ପ୍ରତିନିଧିତ୍ୱ ସୁନିଶ୍ଚିତ କରାଯାଇଛି ଏବଂ ଦକ୍ଷତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି, ଯାହାଫଳରେ ଏସ୍.ଏମ୍.ସିଗୁଡ଼ିକ ବିଦ୍ୟାଳୟ ପ୍ରଶାସନ ଓ ବିଦ୍ୟାର୍ଥୀଙ୍କ ଫଳାଫଳରେ ସାର୍ଥକ ଯୋଗଦାନ ଦେଇପାରିବେ।

ଯେତେବେଳେ ସମୁଦାୟ ନିଜ ବିଦ୍ୟାଳୟଗୁଡ଼ିକର ମାଲିକାନା ଗ୍ରହଣ କରେ, ସେତେବେଳେ ପିଲାମାନଙ୍କର ସର୍ବାଧିକ ଲାଭ ହୋଇଥାଏ। ସଶକ୍ତ ଏସ୍.ଏମ୍.ସିଗୁଡ଼ିକ ସହଭାଗିତା ଓ ବିଶ୍ୱାସର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବ। ପ୍ରତ୍ୟେକ ଶିଶୁର ସଫଳତା ପ୍ରତି ଏହି ସହଭାଗୀ ପ୍ରତିବଦ୍ଧତା ଏନ୍.ଇ.ପି 2020ର ଲକ୍ଷ୍ୟଗୁଡ଼ିକୁ ଆଗକୁ ନେବ ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ, ନ୍ୟାୟସଙ୍ଗତ ଓ ସାମଗ୍ରିକ ଶିକ୍ଷାର ମାର୍ଗ ପ୍ରଶସ୍ତ କରିବ।

ଜୟନ୍ତ ଚୌଧୁରୀ

ରୁମ୍ ନଂ - 21042, ପ୍ରଥମ ମହଲା, ମାନ୍ୟବର ରାଜ୍ୟ ମନ୍ତ୍ରୀ, ଗେଟ୍ ନଂ - 04, କର୍ତ୍ତବ୍ୟ ଭବନ-2, ନୂଆଦିଲ୍ଲୀ-110001
ଇ-ମେଲ୍: mosedu-jc@gov.in

संजय कुमार, भा.प्र.से
सचिव

Sanjay Kumar, IAS
Secretary

सत्यमेव जयते

स्कूल शिक्षा और साक्षरता विभाग
शिक्षा मंत्रालय
भारत सरकार
Department of School Education & Literacy
Ministry of Education
Government of India



## ସନ୍ଦେଶ

ଜାତୀୟ ଶିକ୍ଷା ନୀତି (ଏନ୍.ଇ.ପି.) 2020 ଶିକ୍ଷାକୁ ଏକ ସାମୂହିକ ସାମାଜିକ ଦାୟିତ୍ୱ ଭାବରେ ବିବେଚନା କରେ| ଏହି ନୀତି ବିଦ୍ୟାଳୟ ଶିକ୍ଷାରେ ବିକେନ୍ଦ୍ରୀକୃତ ଶାସନ, ସମୁଦାୟର ସକ୍ରିୟ ସହଭାଗିତା ଏବଂ ଅଭିଭାବକମାନଙ୍କର ଅଂଶଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦିଏ| ଏନ୍.ଇ.ପି 2020 ଏହା ସ୍ୱୀକାର କରେ ଯେ, ବିଦ୍ୟାଳୟଗୁଡ଼ିକ ସେତେବେଳେ ହିଁ ନିଜର ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିପାରିବେ, ଯେତେବେଳେ ସେମାନେ ନିଜ ସମୁଦାୟ ସହିତ ଘନିଷ୍ଠ ଭାବରେ ଜଡ଼ିତ ହେବେ ଏବଂ ସ୍ଥାନୀୟ ହିତାଧିକାରୀମାନେ ପ୍ରତ୍ୟେକ ପିଲାର ମାନସିକ ଅଭିବୃଦ୍ଧି ଓ ବିକାଶରେ ସାମୂହିକ ଭାବରେ ଯୋଗଦାନ କରିବେ|

ଏହି ପରିପ୍ରେକ୍ଷୀରେ, ବିଦ୍ୟାଳୟ ପରିଚାଳନା ସମିତିଗୁଡ଼ିକ ସ୍ଥାନୀୟ ବିଦ୍ୟାଳୟ ଶାସନକୁ ସୁଦୃଢ଼ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି| ବିଦ୍ୟାଳୟସ୍ତରରେ ଏକ ସାମାଜିକ ସଂସ୍ଥା ଭାବରେ, ଏସ୍.ଏମ୍.ସି ଅଭିଭାବକ, ଶିକ୍ଷକ ଏବଂ ସମୁଦାୟର ସଦସ୍ୟମାନଙ୍କୁ ଏକାଠି କରି ବିଦ୍ୟାଳୟଗୁଡ଼ିକୁ ସମର୍ଥନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରେ| ସେମାନଙ୍କର ସକ୍ରିୟ ସହଭାଗିତା ପ୍ରଭାବଶାଳୀ ବିଦ୍ୟାଳୟ ଯୋଜନା, ସମ୍ବଳର ଉତ୍ତମ ଉପଯୋଗ, ଶିକ୍ଷଣ ଫଳାଫଳରେ ଉନ୍ନତି ଏବଂ ବିଦ୍ୟାର୍ଥୀମାନଙ୍କର ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଅପରିହାର୍ଯ୍ୟ| ସଶକ୍ତ ଓ ପ୍ରଭାବଶାଳୀ ଏସ୍.ଏମ୍.ସି ଏହା ସୁନିଶ୍ଚିତ କରେ ଯେ ବିଦ୍ୟାଳୟଗୁଡ଼ିକ ସର୍ବସମାବେଶୀ, ଉତ୍ତରଦାୟୀ ଏବଂ ସ୍ଥାନୀୟ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ହେଉ|

ଏସ୍.ଏମ୍.ସି ଏକ ସହଯୋଗୀ ଶିକ୍ଷଣ ପରିବେଶକୁ ପ୍ରୋତ୍ସାହିତ କରିବା, ସମାନତାକୁ ପ୍ରଶ୍ରୟ ଦେବା ଏବଂ ଅଭିଭାବକ ତଥା ସମୁଦାୟ - ବିଶେଷକରି ପଛୁଆ ବର୍ଗଙ୍କ ସ୍ୱରକୁ ବିଦ୍ୟାଳୟର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାର୍ଥକ ଭାବରେ ପ୍ରତିଫଳିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ| ଏହା ସହିତ ଏଗୁଡ଼ିକ ବିଦ୍ୟାଳୟ ପରିଚାଳନାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରନ୍ତି|

ବିଦ୍ୟାଳୟ ପରିଚାଳନା ସମିତି ନିର୍ଦ୍ଦେଶାବଳୀ, 2026 ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ଏବଂ ଦକ୍ଷ ବିଦ୍ୟାଳୟ ପରିଚାଳନା ପାଇଁ ବିକଶିତ କରାଯାଇଛି| ଏହି ନିର୍ଦ୍ଦେଶାବଳୀ ଦାୟିତ୍ୱଗୁଡ଼ିକୁ ସ୍ପଷ୍ଟ କରିବା ସହିତ ତୃଣମୂଳ ସ୍ତରରେ ଶାସନକୁ ସଶକ୍ତ କରିବା, ସହଭାଗୀ ବିଦ୍ୟାଳୟ ବିକାଶ ଯୋଜନାକୁ ପ୍ରୋତ୍ସାହିତ କରିବା ଏବଂ ବିଦ୍ୟାଳୟ, ପରିବାର, ସ୍ଥାନୀୟ କର୍ତ୍ତୃପକ୍ଷ ତଥା ବ୍ୟାପକ ସମୁଦାୟ ମଧ୍ୟରେ ସହଯୋଗକୁ ବୃଦ୍ଧି କରିବା ପାଇଁ ମାର୍ଗଦର୍ଶନ ପ୍ରଦାନ କରେ| ଏହି ନିର୍ଦ୍ଦେଶାବଳୀ ସମସ୍ତ ହିତାଧିକାରୀଙ୍କ ପରାମର୍ଶ ଏବଂ ସର୍ବଶିକ୍ଷା ଅଭିଯାନ (ଏସ୍.ଏସ୍.ଏ), ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଆର୍.ଏମ୍.ଏସ୍.ଏ)ଏବଂ ସମଗ୍ର ଶିକ୍ଷାର ସମସ୍ତ ନିୟମାବଳୀ ଓ ପୂର୍ବ ନିର୍ଦ୍ଦେଶାବଳୀକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ଏବଂ ଏହା ଲାଗୁ ହେବା ପୂର୍ବରୁ ସମସ୍ତ ପୂର୍ବ ନିର୍ଦ୍ଦେଶକୁ ବାତିଲ୍ ବୋଲି ବିବେଚନା କରାଯିବ|

ଯେହେତୁ ଭାରତ ବିକଶିତ ଭାରତ @2047 ଦିଗରେ ଅଗ୍ରସର ହେଉଛି, ସଶକ୍ତ ସାମୁଦାୟିକ ସଂସ୍ଥାଗୁଡ଼ିକର ଭୂମିକା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି| ସକ୍ରିୟ ଓ ସଶକ୍ତ ଏସ୍.ଏମ୍.ସିଗୁଡ଼ିକ ଦ୍ୱାରା ସମର୍ଥିତ ଗୁଣାତ୍ମକ ବିଦ୍ୟାଳୟ ଶିକ୍ଷା ସୂଚିତ, ଦକ୍ଷ ଏବଂ ଉତ୍ତରଦାୟୀ ନାଗରିକ ଗଠନରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବ|

ମୋର ପୂର୍ଣ୍ଣ ବିଶ୍ୱାସ ଯେ ଏହି ନିର୍ଦ୍ଦେଶାବଳୀ ରାଜ୍ୟ ଓ ବିଦ୍ୟାଳୟଗୁଡ଼ିକୁ ପ୍ରଭାବଶାଳୀ ଏବଂ ସହଭାଗୀ ଏସ୍.ଏମ୍.ସି ଗଠନରେ ମାର୍ଗଦର୍ଶନ ପ୍ରଦାନ କରିବ ଏବଂ ବିଦ୍ୟାର୍ଥୀମାନଙ୍କର ଶିକ୍ଷଣ ଫଳାଫଳ, କଲ୍ୟାଣ ଏବଂ ବିକଶିତ ଭାରତର ଦୀର୍ଘକାଳୀନ ଦୃଷ୍ଟିକୋଣରେ ସାର୍ଥକ ଯୋଗଦାନ ଦେବ|

ସଞ୍ଜୟ କୁମାର

ରୁମ୍ ନଂ - 21102, ପ୍ରଥମ ମହଲା, ଡୋସେଲ ସଚିବଙ୍କ କାର୍ଯ୍ୟାଳୟ, ଗେଟ୍ ନଂ - 04, କର୍ତ୍ତବ୍ୟ ଭବନ-2, ନୂଆଦିଲ୍ଲୀ-110001
ଇ-ମେଲ୍: secy.sei@nic.in

# ପ୍ରାକକଥନ

ବିଦ୍ୟାଳୟ ଶିକ୍ଷା ଏକ ସମତାମୂଳକ, ସର୍ବସମାବେଶୀ ଏବଂ ପ୍ରଗତିଶୀଳ ସମାଜ ନିର୍ମାଣର ଆଧାରଶିଳା ଅଟେ। ବିଦ୍ୟାଳୟଗୁଡ଼ିକର ଗୁଣବତ୍ତା କେବଳ ନୀତିଗତ ବ୍ୟବସ୍ଥା ଏବଂ ଉପଲବ୍ଧ ସମ୍ବଳ ଉପରେ ନିର୍ଭର କରେ ନାହିଁ, ବରଂ ଏହା ସମୁଦାୟର ସକ୍ରିୟ, ନିରନ୍ତର ଏବଂ ସାର୍ଥକ ସହଭାଗିତା ସହିତ ମଧ୍ୟ ଗଭୀର ଭାବେ ଜଡ଼ିତ। ଏହି ପରିପ୍ରେକ୍ଷୀରେ, ଶୈକ୍ଷିକ ସୁଧାର କ୍ଷେତ୍ରରେ ବିକେନ୍ଦ୍ରୀକୃତ ଶାସନ ବ୍ୟବସ୍ଥା, ସାମୁଦାୟିକ ସହଭାଗିତା ତଥା ପିଲାମାନଙ୍କର ଅଧିଗମ ଏବଂ ସାମଗ୍ରିକ କଲ୍ୟାଣ ପାଇଁ ସାମୂହିକ ଉତ୍ତରଦାୟିତ୍ୱକୁ ନିରନ୍ତର ପ୍ରାଥମିକତା ଦିଆଯାଇଛି। ଏହି ଦୃଷ୍ଟିକୋଣକୁ ତୃଣମୂଳ ସ୍ତରରେ ସାକାର କରିବାରେ ବିଦ୍ୟାଳୟ ପରିଚାଳନା ସମିତି (ଏସ୍.ଏମ୍.ସି) ଏକ ପ୍ରମୁଖ ଏବଂ ସଶକ୍ତ ସାଂସ୍ଥାନିକ ବ୍ୟବସ୍ଥା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

**ଜାତୀୟ ଶିକ୍ଷା ନୀତି (ଏନ୍.ଇ.ପି) 2020** ବିଦ୍ୟାଳୟ ଶିକ୍ଷାରେ ବିକେନ୍ଦ୍ରୀକୃତ ଶାସନ ତଥା ଅଭିଭାବକ, ସ୍ଥାନୀୟ ସମୁଦାୟ, ପୁରାତନ ଛାତ୍ର ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସକ୍ରିୟ ସହଭାଗିତା ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ। ଏହି ନୀତି ବିଦ୍ୟାଳୟଗୁଡ଼ିକୁ ଅଧିଗମର ଏକ ଜୀବନ୍ତ କେନ୍ଦ୍ର ଭାବରେ ମାନ୍ୟତା ଦେଇଥାଏ, ଯାହା ନିଜ ସମୁଦାୟ ସହିତ ଘନିଷ୍ଠ ଭାବରେ ଜଡ଼ିତ। ଏନ୍.ଇ.ପି 2020 ଅଧିଗମ ଫଳାଫଳରେ ଉନ୍ନତି, ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହନ ଦେବା ତଥା ବିଦ୍ୟାଳୟଗୁଡ଼ିକର ସାମଗ୍ରିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ସାମୂହିକ ଉତ୍ତରଦାୟିତ୍ୱ, ସାମୁଦାୟିକ ମାଲିକାନା ଏବଂ ସହଭାଗୀ ନିଷ୍ପତ୍ତି ଗ୍ରହଣର ମହତ୍ତ୍ୱକୁ ରେଖାଙ୍କିତ କରେ। ଯଦିଓ ସମଗ୍ର ଶିକ୍ଷା (ସମଗ୍ର ଶିକ୍ଷା ଅଭିଯାନ) ଅଧୀନରେ ତଥା ଶିଶୁମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ଆର୍.ଟି.ଇ) ଅଧିନିୟମ, 2009ରେ ବିଦ୍ୟାଳୟ ପରିଚାଳନା ସମିତି (ଏସ୍.ଏମ୍.ସି) ସମ୍ବନ୍ଧୀୟ ବ୍ୟବସ୍ଥା ରହିଛି, ତଥାପି ବର୍ତ୍ତମାନର ଶୈକ୍ଷିକ ପରିପ୍ରେକ୍ଷୀରେ ଏସ୍.ଏମ୍.ସିର ସଂରଚନା, କାର୍ଯ୍ୟପ୍ରଣାଳୀ ତଥା ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ସ୍ପଷ୍ଟ ଭାବରେ ପରିଭାଷିତ କରିବା ପାଇଁ ଏକ ବ୍ୟାପକ, ଏକୀକୃତ ଏବଂ ଅଦ୍ୟତନ ଜାତୀୟ ଢାଞ୍ଚାର ଆବଶ୍ୟକତା ଅନୁଭବ କରାଯାଉଥିଲା। ଏହି ପରିପ୍ରେକ୍ଷୀରେ, ଏହି **ବିଦ୍ୟାଳୟ ପରିଚାଳନା ସମିତି ପାଇଁ ଜାତୀୟ ନିର୍ଦ୍ଦେଶାବଳୀ** ବିକଶିତ କରାଯାଇଛି, ଯାହା ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଲାଗୁ ହେବାକୁ ଥିବା ଏକ ସମନ୍ୱିତ ଜାତୀୟ ମାର୍ଗଦର୍ଶନ ଭାବରେ ଏସ୍.ଏମ୍.ସି ଉପରେ କେନ୍ଦ୍ରିତ।

ଏହି ନିର୍ଦ୍ଦେଶାବଳୀ ଏହି ବିଷୟରେ ପୂର୍ବରୁ ଜାରି ହୋଇଥିବା ସମସ୍ତ ନିର୍ଦ୍ଦେଶାବଳୀର ସ୍ଥାନ ନେଇ ବିଦ୍ୟାଳୟ ପରିଚାଳନା ସମିତି (ଏସ୍.ଏମ୍.ସି)କୁ ସହଭାଗୀ ଶାସନର ଏକ ସଶକ୍ତ ଏବଂ ସକ୍ରିୟ ମଞ୍ଚ ଭାବରେ ସୁଦୃଢ଼ କରିବାର ଉଦ୍ଦେଶ୍ୟ ରଖିଛି। ଏହି ନିର୍ଦ୍ଦେଶାବଳୀରେ ଏସ୍.ଏମ୍.ସିର ସଂରଚନା, ଗଠନ, କାର୍ଯ୍ୟକାଳ, ନିର୍ବାଚନ ପ୍ରକ୍ରିୟା, ଭୂମିକା ଏବଂ ଉତ୍ତରଦାୟିତ୍ୱ, ଏସ୍.ଏମ୍.ସି. ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି ତଥା କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସି.ଏସ୍.ଆର୍) ସହଯୋଗ ପ୍ରାପ୍ତ କରିବା ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକୁ ସ୍ପଷ୍ଟ ଭାବରେ ରେଖାଙ୍କିତ କରାଯାଇଛି। ଏହି ନିର୍ଦ୍ଦେଶାବଳୀରେ ଶୈକ୍ଷଣିକ ପର୍ଯ୍ୟବେକ୍ଷଣ, ବିଦ୍ୟାଳୟ ବିକାଶ ଯୋଜନା (ସ୍କୁଲ୍ ଡେଭଲପମେଣ୍ଟ ପ୍ଲାନ୍-ଏସ୍.ଡି.ପି) ମାଧ୍ୟମରେ ବିଦ୍ୟାଳୟ ଯୋଜନା, ଆର୍ଥିକ ପରିଚାଳନା, ସାମାଜିକ ସମୀକ୍ଷା, ପିଲାମାନଙ୍କର ସୁରକ୍ଷା ଏବଂ କଲ୍ୟାଣ, ଅନ୍ତର୍ଭୁକ୍ତୀକରଣ ଓ ସମତାପୂର୍ଣ୍ଣ ଅଧିଗମକୁ ପ୍ରୋତ୍ସାହନ ଦେବା, ତଥା ସମ୍ପୂର୍ଣ୍ଣ-ସରକାର (ହୋଲ୍-ଅଫ୍-ଗଭର୍ନମେଣ୍ଟ) ଦୃଷ୍ଟିକୋଣ ଅଧୀନରେ ବିଭିନ୍ନ ଲାଇନ୍ ବିଭାଗ ସହିତ ଅଭିସରଣ ଏବଂ ସମନ୍ୱୟ ସମ୍ବନ୍ଧୀୟ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରାଯାଇଛି। ଏହି ନିର୍ଦ୍ଦେଶାବଳୀରେ ବିଶେଷ ଭାବରେ ବିଦ୍ୟାଳୟ ବାହାରେ ଥିବା ପିଲା (ଆଉଟ୍-ଅଫ୍-ସ୍କୁଲ୍ ଚିଲ୍ଡ୍ରେନ୍), ଶିକ୍ଷାତ୍ୟାଗ କରିଥିବା ପିଲାଙ୍କ ନାମଲେଖା, ବିଦ୍ୟାଳୟରେ ରହିବା ଏବଂ ମୁଖ୍ୟ ସ୍ରୋତରେ ପୁନଃ ସାମିଲ କରିବାକୁ ସୁନିଶ୍ଚିତ କରିବା, ସାମାଜିକ-ଆର୍ଥିକ ଭାବେ ବଞ୍ଚିତ ବର୍ଗର ପିଲାମାନଙ୍କୁ ସହାୟତା ପ୍ରଦାନ କରିବା, ତଥା ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଫାଉଣ୍ଡେସନାଲ୍ ଲିଟେରାସି ଆଣ୍ଡ ନ୍ୟୁମେରାସି)କୁ ସୁଦୃଢ଼ କରିବାରେ ଏସ୍.ଏମ୍.ସିର ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଉପରୋକ୍ତ ସମସ୍ତ ପ୍ରୟାସ ସାମୂହିକ ଭାବରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆଶାନୁରୂପ ଅଧିଗମ ଫଳାଫଳ ହାସଲ କରିବାରେ ସହାୟକ ହେବ, ଯାହା **ବିକଶିତ ଭାରତ @2047**ର ଦୃଷ୍ଟିକୋଣକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ଏହି ନିର୍ଦ୍ଦେଶାବଳୀ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଏକ ମାର୍ଗଦର୍ଶକ ସନ୍ଦର୍ଭ ଢାଞ୍ଚା ଭାବରେ ଉଦ୍ଦିଷ୍ଟ, ଯାହାଦ୍ୱାରା ସେମାନେ ସ୍ଥାନୀୟ ପରିସ୍ଥିତି, ଆବଶ୍ୟକତା ଏବଂ ପ୍ରାଥମିକତା ଅନୁଯାୟୀ ନିଜ ନିୟମ, ପ୍ରକ୍ରିୟା ତଥା ବ୍ୟବସ୍ଥାଗୁଡ଼ିକରେ ସମନ୍ୱୟ ଓ ସାମଞ୍ଜସ୍ୟ ସ୍ଥାପନ କରିପାରିବେ। ଶେଷରେ, ଏହି ନିର୍ଦ୍ଦେଶାବଳୀର ଉଦ୍ଦେଶ୍ୟ ହେଉଛି ସମୁଦାୟଗୁଡ଼ିକୁ ବିଦ୍ୟାଳୟ ପ୍ରତି ସାମୂହିକ ଉତ୍ତରଦାୟିତ୍ୱ ଗ୍ରହଣ କରିବା ପାଇଁ ସଶକ୍ତ କରିବା, ଯାହାଦ୍ୱାରା ଏହା ସୁନିଶ୍ଚିତ କରାଯାଇପାରିବ ଯେ ପ୍ରତ୍ୟେକ ପିଲା ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତୀକରଣ ଏବଂ ପୋଷଣକ୍ଷମ ପରିବେଶରେ ଗୁଣାତ୍ମକ ଶିକ୍ଷା ଲାଭ କରୁ, ନିରନ୍ତର ପ୍ରଗତି କରୁ ଏବଂ ନିଜର ବିଦ୍ୟାଳୟ ଶିକ୍ଷା ସଫଳତାର ସହ ସମାପ୍ତ କରୁ।

(ଅର୍ଚ୍ଚନା ଶର୍ମା ଅବସ୍ଥୀ)
ଅତିରିକ୍ତ ସଚିବ, ଡୋସେଲ
ଶିକ୍ଷା ମନ୍ତ୍ରଣାଳୟ

# ସୂଚୀପତ୍ର


1. ଉପକ୍ରମଣିକା 1

2. ବିଦ୍ୟାଳୟ ପରିଚାଳନା ସମିତି (ଏସ୍.ଏମ୍.ସି) 1

2.1 ଏସ୍.ଏମ୍.ସି ସଦସ୍ୟ ଚୟନ ପାଇଁ ମାନଦଣ୍ଡ 2

2.2 ଏସ୍.ଏମ୍.ସିର ଗଠନ 3

2.3 ସଦସ୍ୟ-ସଚିବଙ୍କ ଭୂମିକା ଏବଂ ଦାୟିତ୍ୱ 3

2.4 କାର୍ଯ୍ୟକାଳ 4

2.5 ଏସ୍.ଏମ୍.ସିର ପିତାମାତା/ଅଭିଭାବକ ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟା 4

2.6 ଏସ୍.ଏମ୍.ସିର ଉପ-ସମିତି 5

3. ଏସ୍.ଏମ୍.ସିର ଭୂମିକା ଏବଂ ଦାୟିତ୍ୱ ବା କାର୍ଯ୍ୟାବଳୀ 6

4. ବିଦ୍ୟାଳୟ ବିକାଶ ଯୋଜନା (ଏସ୍.ଡି.ପି) 12

5. ବୈଠକ ଏବଂ କାର୍ଯ୍ୟବିଧି 14

6. ଦକ୍ଷତା ବୃଦ୍ଧି ଏବଂ ପ୍ରଶିକ୍ଷଣ 14

7. ଆର୍ଥିକ ପରିଚାଳନା ଏବଂ ସାମାଜିକ ସମୀକ୍ଷା 15

8. ମନ୍ତ୍ରଣାଳୟ/ବିଭାଗ ସହ ସମନ୍ୱୟ ମାଧ୍ୟମରେ ସମ୍ବଳର ସୁବିନିଯୋଗ 16

9. ଏସ୍.ଏମ୍.ସି ଗୁଡ଼ିକର ପର୍ଯ୍ୟବେକ୍ଷଣ ଏବଂ ସହଯୋଗ 19

10. ଉପସଂହାର 19

ପରିଶିଷ୍ଟ 21

## 1. ବିଷୟ ପରିଚୟ

1.1 ଗୋଷ୍ଠୀ ସମାବେଶ ଏବଂ ଅଂଶଗ୍ରହଣ ହେଉଛି ଗୋଷ୍ଠୀମାନଙ୍କୁ ସେମାନଙ୍କର ପ୍ରାଥମିକତା, ସମ୍ବଳ, ଆବଶ୍ୟକତା ଏବଂ ସମାଧାନଗୁଡ଼ିକୁ ଚିହ୍ନଟ କରିବାରେ ସାମିଲ କରିବାର ଏକ ପ୍ରକ୍ରିୟା, ଯାହା ପ୍ରତିନିଧିତ୍ୱମୂଳକ ଅଂଶଗ୍ରହଣ, ସୁଶାସନ, ଉତ୍ତରଦାୟିତ୍ୱ ଏବଂ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିଥାଏ। ଶିକ୍ଷା କ୍ଷେତ୍ରରେ, ଗୋଷ୍ଠୀ ସମାବେଶ ଏବଂ ଗୋଷ୍ଠୀ ସଦସ୍ୟମାନଙ୍କର ଘନିଷ୍ଠ ସମ୍ପୃକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ପଦ୍ଧତି ନିମ୍ନ ସ୍ତରରୁ ଉଚ୍ଚ ସ୍ତରକୁ ଯାଉଥିବା ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ସହ ଗୋଷ୍ଠୀ ଦ୍ୱାରା ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ଫଳପ୍ରଦ ଯୋଜନା, କାର୍ଯ୍ୟାନ୍ୱୟନ, ତଦାରଖ, ମୂଲ୍ୟାଙ୍କନ ଏବଂ ମାଲିକାନାକୁ ସମ୍ଭବ କରିଥାଏ। ସକ୍ରିୟ ଗୋଷ୍ଠୀ ଅଂଶଗ୍ରହଣ ବିଦ୍ୟାଳୟଗୁଡ଼ିକର ଉତ୍ତମ କାର୍ଯ୍ୟକାରିତା ପାଇଁ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସାମୂହିକ ଗୋଷ୍ଠୀ ଜ୍ଞାନର ଉପଯୋଗକୁ ସୁନିଶ୍ଚିତ କରେ। ପ୍ରଭାବଶାଳୀ ବିକେନ୍ଦ୍ରୀକରଣ ମାଧ୍ୟମରେ, ଏହା ବିଦ୍ୟାଳୟ-ଆଧାରିତ ପଦକ୍ଷେପଗୁଡ଼ିକ ଉପରେ ଗୋଷ୍ଠୀ ମାଲିକାନାକୁ ସୁନିଶ୍ଚିତ କରେ, ପ୍ରଶାସନିକ ସଂରଚନାକୁ ସୁଦୃଢ଼ କରେ ଏବଂ ସ୍ଥାୟୀ ଶିକ୍ଷାଗତ ବିକାଶକୁ ସମର୍ଥନ କରେ।

1.2 **ଜାତୀୟ ଶିକ୍ଷା ନୀତି (ଏନ୍.ଇ.ପି.), 2020** ବିଦ୍ୟାଳୟଗୁଡ଼ିକରେ ଶିକ୍ଷଣକୁ ବୃଦ୍ଧି କରିବା ପାଇଁ ସ୍ଥାନୀୟ ଗୋଷ୍ଠୀ, ପୁରାତନ ଛାତ୍ର ଏବଂ ବରିଷ୍ଠ ନାଗରିକମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ଏହା ଗୁରୁତ୍ୱ ଦେଇଥାଏ। ଟ୍ୟୁସନ, ସାକ୍ଷରତା କାର୍ଯ୍ୟକ୍ରମ, ମାର୍ଗଦର୍ଶନ, ଶିକ୍ଷାଦାନ ସହାୟତା ଏବଂ ପରାମର୍ଶ ଇତ୍ୟାଦି ବିଭିନ୍ନ କାର୍ଯ୍ୟକଳାପରେ ସ୍ୱେଚ୍ଛାକୃତ ଭାବରେ ଅଂଶଗ୍ରହଣ କରିବାକୁ ଏହା ସେମାନଙ୍କୁ ଉତ୍ସାହିତ କରିଥାଏ (ପାରା 3.7)। ଜାତୀୟ ଶିକ୍ଷା ନୀତି 2020 ର ମାର୍ଗଦର୍ଶିକା ଅନୁଯାୟୀ, ବିଦ୍ୟାଳୟଗୁଡ଼ିକ ଶିକ୍ଷଣ ଏବଂ ସମ୍ପ୍ରଦାୟକୁ ଏକତ୍ରିତ କରୁଥିବା ଶକ୍ତିଶାଳୀ କେନ୍ଦ୍ର ଭାବରେ ବିକଶିତ ହେବା ଉଚିତ୍। ଯେତେବେଳେ ପିତାମାତା, ଶିକ୍ଷକ ଏବଂ ସ୍ଥାନୀୟ ଲୋକମାନେ ବିଦ୍ୟାଳୟର କାର୍ଯ୍ୟକଳାପରେ ଅଂଶଗ୍ରହଣ କରନ୍ତି, ସେମାନେ ଏକ ଯତ୍ନଶୀଳ, ଅନ୍ତର୍ଭୁକ୍ତ ଏବଂ ଗର୍ବିତ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରନ୍ତି। ପ୍ରତ୍ୟେକ ବିଦ୍ୟାଳୟ କେବଳ ପିଲାମାନଙ୍କୁ ଶିକ୍ଷା ଦେବା ସହିତ ସମଗ୍ର ଗୋଷ୍ଠୀକୁ ଏକାଠି କରୁଥିବା ଏକ ସ୍ଥାନରେ ପରିଣତ ହୁଏ।

1.3 **ସମଗ୍ର ଶିକ୍ଷା 2.0** ନୀତିଗତ ରୂପରେଖ (12 ତାରିଖ ଅକ୍ଟୋବର, 2022 ରେ ଜାରି କରାଯାଇଥିବା) ର 'ଅଧ୍ୟାୟ  ବିଷୟରେ ବର୍ଣ୍ଣନା କରେ। ଏହା ଏକ ତୃଣମୂଳ ସ୍ତରର କମିଟି ଯାହା ସମଗ୍ର ଶିକ୍ଷା ଯୋଜନା ଏବଂ ବିଦ୍ୟାଳୟ ଶିକ୍ଷା ବିଭାଗର ଅନ୍ୟାନ୍ୟ କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ସକ୍ରିୟ ଭୂମିକା ଗ୍ରହଣ କରିଥାଏ।

1.4 **ପିଲାମାନଙ୍କର ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ଆର୍.ଟି.ଇ.) ଆଇନ, 2009** ର ଅଧ୍ୟାୟ IV: ବିଦ୍ୟାଳୟ ଏବଂ ଶିକ୍ଷକମାନଙ୍କର ଦାୟିତ୍ୱ, **ଧାରା (21)**

ବିଦ୍ୟାଳୟଗୁଡ଼ିକରେ ଏସ୍.ଏମ୍.ସି ର ଗଠନ ଏବଂ କାର୍ଯ୍ୟଗୁଡ଼ିକ ବିଷୟରେ ବର୍ଣ୍ଣନା କରେ।

## 2. ବିଦ୍ୟାଳୟ ପରିଚାଳନା କମିଟି (ଏସ୍.ଏମ୍.ସି)

ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ, ଏନ.ଇ.ପି 2020, ସମଗ୍ର ଶିକ୍ଷା ଯୋଜନା ଏବଂ ଆର.ଟି.ଇ ଅଧିନିୟମ 2009, ବିକେନ୍ଦ୍ରୀକୃତ ଶାସନର ଏକ ପ୍ରମୁଖ ଅଂଶ ଭାବରେ ଏସ.ଏମ.ସି ଗଠନ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଥାଏ। ଗୋଷ୍ଠୀ ସମାବେଶର ଏକ ମୂଳସ୍ତମ୍ଭ ଭାବରେ, ଏସ.ଏମ.ସି ବିକେନ୍ଦ୍ରୀକୃତ ବିଦ୍ୟାଳୟ ଶାସନକୁ ସୁଦୃଢ଼ କରେ ଏବଂ ବିଦ୍ୟାଳୟ ଶିକ୍ଷାକୁ ରୂପ ଦେବାରେ ତଥା ଉନ୍ନତ କରିବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଗୋଷ୍ଠୀକୁ ସଶକ୍ତ କରିଥାଏ। **ଏନ.ଇ.ପି 2020, ସମଗ୍ର ଶିକ୍ଷା ଯୋଜନା, ଆର.ଟି.ଇ ଅଧିନିୟମ 2009ର ବ୍ୟବସ୍ଥାଗୁଡ଼ିକ ଏବଂ ଶିକ୍ଷା ମନ୍ତ୍ରଣାଳୟ (ଏମ.ଓ.ଇ) (ପୂର୍ବତନ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ.ଏଚ.ଆର.ଡି)), ସର୍ବ ଶିକ୍ଷା ଅଭିଯାନ (ଏସ.ଏସ.ଏ) ଏବଂ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଆର.ଏମ.ଏସ.ଏ) ଆଦିରେ ଦିଆଯାଇଥିବା ପୂର୍ବ ମାର୍ଗଦର୍ଶିକାଗୁଡ଼ିକୁ ଦୃଷ୍ଟିରେ ରଖି, ଏସ.ଏମ.ସି ସମ୍ବନ୍ଧରେ ନିମ୍ନଲିଖିତ ମାର୍ଗଦର୍ଶିକା ଜାରି କରାଯାଉଛି। ଏହି ମାର୍ଗଦର୍ଶିକାଗୁଡ଼ିକ ପୂର୍ବ ମାର୍ଗଦର୍ଶିକା ଏବଂ ନିର୍ଦ୍ଦେଶାବଳୀଗୁଡ଼ିକର ସ୍ଥାନ ନେବ।**

ବିଦ୍ୟାଳୟ ସ୍ତରୀୟ ପରିଚାଳନା ବ୍ୟବସ୍ଥାଗୁଡ଼ିକୁ ସୁଦୃଢ଼ କରିବା ଏବଂ ସମାବେଶୀ, ଅଂଶଗ୍ରହଣମୂଳକ ଓ ଉତ୍ତରଦାୟୀ ଶିକ୍ଷା ଉପରେ ଥିବା ଜାତୀୟ ଦୃଷ୍ଟିକୋଣ ସହିତ ସ୍ଥାନୀୟ ନିୟମ ଏବଂ ନୀତିଗୁଡ଼ିକୁ ସମନ୍ୱିତ କରିବା ପାଇଁ ଏହି ମାର୍ଗଦର୍ଶିକା ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିମନ୍ତେ ଏକ ସନ୍ଦର୍ଭ ଢାଞ୍ଚା ଭାବରେ କାର୍ଯ୍ୟ କରିବ।

- ଶିକ୍ଷାବର୍ଷ ଆରମ୍ଭ ହେବାର **ଏକ ମାସ ମଧ୍ୟରେ** ପ୍ରତ୍ୟେକ ବିଦ୍ୟାଳୟ ଏକ ଏସ୍.ଏମ୍.ସି ଗଠନ କରିବା ଉଚିତ୍।
- **ସ୍କୁଲ୍ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ କମିଟି (ଏସଏମଡିସି) ବଦଳରେ ସେକେଣ୍ଡାରୀ ବିଦ୍ୟାଳୟ (12ଶ ଶ୍ରେଣୀ ପର୍ଯ୍ୟନ୍ତ) ସମେତ ପ୍ରତ୍ୟେକ ବିଦ୍ୟାଳୟରେ ଏସ୍.ଏମ୍.ସି ରହିବା ସୁନିଶ୍ଚିତ କରିବାକୁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦିଆଯାଇଛି।**
- ଏଥିରେ ଅଧିକାରୀ, ଛାତ୍ରଛାତ୍ରୀଙ୍କ ପିତାମାତା/ଅଭିଭାବକ, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପ୍ରତିନିଧି[1], ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ, ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଏବଂ ପଛୁଆ ବର୍ଗର ପ୍ରତିନିଧିମାନେ ରହିବେ।
- ପିଲାମାନଙ୍କ ନାମଲେଖା ଆଧାରରେ କମିଟିର ସଦସ୍ୟ ସଂଖ୍ୟା ନିର୍ଦ୍ଧାରଣ କରାଯାଇପାରିବ:

| ନାମଲେଖା ପରିସର | ସଦସ୍ୟମାନଙ୍କ ଆନୁମାନିକ ସଂଖ୍ୟା |
|---|---|
| 100 ଜଣ ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ | 12 –15 ଜଣ ସଦସ୍ୟ |
| 100 – 500 ଜଣ ଛାତ୍ରଛାତ୍ରୀ | 15 –20 ଜଣ ସଦସ୍ୟ |
| 500ରୁ ଅଧିକ ଛାତ୍ରଛାତ୍ରୀ | 20 – 25 ଜଣ ସଦସ୍ୟ |

## 2.1 ଏସ୍.ଏମ୍.ସି ସଭ୍ୟ ଚୟନ ନିୟମାବଳୀ

i. **ପଞ୍ଚସ୍ତରୀ ପ୍ରତିଶତ (75%)** ଏସ୍.ଏମ୍.ସିର ମୋଟ ସଦସ୍ୟ ସଂଖ୍ୟାରୁ ପିଲାମାନଙ୍କର ପିତାମାତା କିମ୍ବା ସେମାନଙ୍କ ଅଭିଭାବକମାନଙ୍କ ମଧ୍ୟରୁ ରହିବା ଆବଶ୍ୟକ।

ii. ଅବଶିଷ୍ଟ **ପଚିଶ ପ୍ରତିଶତ (25%)** ଏସ୍.ଏମ୍.ସିର ମୋଟ ସଦସ୍ୟ ସଂଖ୍ୟାରୁ ନିମ୍ନରେ ଦର୍ଶାଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ରହିବା ଆବଶ୍ୟକ:

(a) ସ୍ଥାନୀୟ ସଂସ୍ଥାକୁ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ (1/3) ସଦସ୍ୟଙ୍କୁ ସେହି ସ୍ଥାନୀୟ ସଂସ୍ଥା ନିର୍ଦ୍ଧାରଣ କରିବ;

(b) ବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ (1/3) ସଦସ୍ୟଙ୍କୁ ବିଦ୍ୟାଳୟର ଶିକ୍ଷକମାନେ ନିଜେ ନିର୍ଦ୍ଧାରଣ କରିବେ;

(c) ଅବଶିଷ୍ଟ ଏକ ତୃତୀୟାଂଶ (1/3) ସଦସ୍ୟଙ୍କୁ ସ୍ଥାନୀୟ ଶିକ୍ଷିତ ବ୍ୟକ୍ତି, ବିଷୟ ବିଶେଷଜ୍ଞ, ଶିକ୍ଷାବିତ୍, ବରିଷ୍ଠ ଛାତ୍ର, ବିଦ୍ୟାଳୟର ପୁରାତନ ଛାତ୍ର ଏବଂ ବିଦ୍ୟାଳୟ ପରିସରରେ ସେବା ପ୍ରଦାନ କରୁଥିବା ଅଙ୍ଗନବାଡ଼ି କର୍ମୀ (ଏଡବ୍ଲ୍ୟୁଡବ୍ଲ୍ୟୁ), ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା), ଅକ୍ଜିଲିଆରୀ ନର୍ସ ମିଡ୍‌ୱାଇଫ୍ (ଏଏନ୍ଏମ୍) ଭଳି ଆଗଧାଡ଼ିର ସାମାଜିକ କର୍ମୀମାନଙ୍କ ମଧ୍ୟରୁ ମନୋନୀତ କରାଯିବା ଉଚିତ୍। ଏହି ସଦସ୍ୟମାନଙ୍କୁ କମିଟିର ପିତାମାତାଙ୍କ ପ୍ରତିନିଧିମାନେ ଚୟନ କରିବେ।

[1] "ସ୍ଥାନୀୟ କର୍ତ୍ତୃପକ୍ଷ" କହିଲେ ମ୍ୟୁନିସିପାଲ୍ କର୍ପୋରେସନ୍ କିମ୍ବା ମ୍ୟୁନିସିପାଲ୍ କାଉନ୍ସିଲ୍ କିମ୍ବା ଜିଲ୍ଲା ପରିଷଦ କିମ୍ବା ନଗର ପଞ୍ଚାୟତ କିମ୍ବା ପଞ୍ଚାୟତକୁ ବୁଝାଏ, ତାହା ଯେକୌଣସି ନାମରେ ନାମିତ ହୋଇଥାଉ ନା କାହିଁକି; ଏବଂ ଏଥିରେ ବିଦ୍ୟାଳୟ ଉପରେ ପ୍ରଶାସନିକ ନିୟନ୍ତ୍ରଣ ଥିବା କିମ୍ବା କୌଣସି ସହର, ନଗର ବା ଗ୍ରାମରେ ସ୍ଥାନୀୟ ସଂସ୍ଥା ଭାବରେ କାର୍ଯ୍ୟ କରିବା ପାଇଁ ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ ଦ୍ୱାରା ବା ଅଧୀନରେ କ୍ଷମତାପ୍ରାପ୍ତ ହୋଇଥିବା ଏହିପରି ଅନ୍ୟ କୌଣସି କର୍ତ୍ତୃପକ୍ଷ କିମ୍ବା ସଂସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ଅଟେ;

**ସୂଚନା:**

- **ଏସ୍.ଏମ୍.ସି ସଦସ୍ୟମାନଙ୍କ ମଧ୍ୟରୁ ପଚାଶ ପ୍ରତିଶତ (50%)** ମହିଳା ହେବା ଉଚିତ।
- ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗ (ଏସ୍ଇଡିଜି) ଅର୍ଥାତ୍ ଏସ୍ସି/ଏସ୍ଟି/ଓବିସି ଇତ୍ୟାଦି ଏବଂ **ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା (ସିଡବ୍ଲ୍ୟୁଏସ୍ଏନ୍)ଙ୍କ ପିତାମାତା ବା ଅଭିଭାବକମାନଙ୍କୁ ଆନୁପାତିକ ପ୍ରତିନିଧିତ୍ୱ ପ୍ରଦାନ କରାଯିବା ଉଚିତ।**
-

## 2.2 ଏସ୍.ଏମ୍.ସି ଗଠନ

ପ୍ରତ୍ୟେକ ଏସ୍.ଏମ୍.ସିରେ ନିମ୍ନଲିଖିତ ସଦସ୍ୟମାନେ ରହିବେ:

| | | |
|---|---|---|
| 1. | ପିତାମାତା/ଅଭିଭାବକଙ୍କ ମଧ୍ୟରୁ ନିର୍ବାଚିତ ସଦସ୍ୟ | ଅଧ୍ୟକ୍ଷ |
| 2. | ପିତାମାତା/ଅଭିଭାବକଙ୍କ ମଧ୍ୟରୁ ନିର୍ବାଚିତ ସଦସ୍ୟ | ଉପାଧ୍ୟକ୍ଷ |
| 3. | ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଶ୍ରେଣୀର ପିଲାମାନଙ୍କ ପିତାମାତା/ଅଭିଭାବକ | ସଦସ୍ୟ |
| 4. | ସ୍ଥାନୀୟ ସଂସ୍ଥାରୁ ନିର୍ବାଚିତ ସଦସ୍ୟ | ସଦସ୍ୟ |
| 5. | ବିଦ୍ୟାଳୟର ଶିକ୍ଷକ | ସଦସ୍ୟ |
| 6. | ସ୍ଥାନୀୟ ଶିକ୍ଷାବିତ୍/ବିଷୟ ବିଶେଷଜ୍ଞ/ଶିକ୍ଷା ବିଶାରଦ/ବରିଷ୍ଠ ଛାତ୍ର/ପୁରାତନ ଛାତ୍ର/ଏଡବ୍ଲ୍ୟୁଡବ୍ଲ୍ୟୁ/ଆଶା/ଏଏନ୍ଏମ୍ | ସଦସ୍ୟ |
| 7. | ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକ/ଭାରପ୍ରାପ୍ତ ଶିକ୍ଷକ | ସଦସ୍ୟ ସଚିବ |

## 2.3 ସଦସ୍ୟ ସଚିବଙ୍କ ଭୂମିକା ଓ ଦାୟିତ୍ୱ

ସଦସ୍ୟ-ସଚିବଙ୍କ କାର୍ଯ୍ୟଗୁଡ଼ିକ ନିମ୍ନଲିଖିତ ଅଟେ:

i. ଶିକ୍ଷା ବର୍ଷ ଆରମ୍ଭ ହେବାର ଏକ ମାସ ମଧ୍ୟରେ ଏସ୍.ଏମ୍.ସି ଗଠନକୁ ସୁନିଶ୍ଚିତ କରିବା।

ii. ଠିକ୍ ସମୟରେ **ବାର୍ଷିକ ସାଧାରଣ ବୈଠକ** ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କର ପିତାମାତା/ଅଭିଭାବକମାନଙ୍କ ମଧ୍ୟରୁ ନିର୍ବାଚନ ମାଧ୍ୟମରେ ସଦସ୍ୟମାନଙ୍କୁ ମନୋନୀତ କରିବା ପାଇଁ ଆୟୋଜନ କରିବା। (ନିର୍ବାଚନ ସମୟରେ ଯେପରି 50% ପିତାମାତା/ଅଭିଭାବକ ଉପସ୍ଥିତ ରହିବେ ତାହା ନିଶ୍ଚିତ କରିବା)

iii. ନୂତନ ଭାବେ ଗଠିତ ଏସ୍.ଏମ୍.ସି ସଦସ୍ୟମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ଗଠନ ହେବାର ଏକ ସପ୍ତାହ ମଧ୍ୟରେ ବିଦ୍ୟାଳୟ କୋଠାର ପ୍ରମୁଖ ସ୍ଥାନଗୁଡ଼ିକରେ ପ୍ରଦର୍ଶନ କରିବା। ପିତାମାତା/ସଦସ୍ୟମାନଙ୍କ ବିବରଣୀରେ ନାମ, ପଦବୀ, ଯୋଗାଯୋଗ ନମ୍ବର, ଇମେଲ୍ ଆଇଡି ଇତ୍ୟାଦି ରହିବା ଆବଶ୍ୟକ। ପିତାମାତା/ଅଭିଭାବକଙ୍କ କ୍ଷେତ୍ରରେ, ପିଲାମାନଙ୍କର ନାମ ଏବଂ ସେମାନଙ୍କ ଶ୍ରେଣୀର ବିବରଣୀ ମଧ୍ୟ ପିତାମାତା/ଅଭିଭାବକଙ୍କ ନାମ ସହିତ ଉଲ୍ଲେଖ କରାଯିବା ଉଚିତ୍।

iv. ଏସ୍.ଏମ୍.ସି ବୈଠକଗୁଡ଼ିକୁ ସର୍ବନିମ୍ନ **ମାସକୁ ଥରେ**ଆୟୋଜନ କରିବା।

v. ବୈଠକ ସମୟରେ ଏସ୍.ଏମ୍.ସି କୋରମ୍ (ସର୍ବନିମ୍ନ 50%) ନିଶ୍ଚିତ କରିବା।

vi. ଏସ୍.ଏମ୍.ସି ବୈଠକଗୁଡ଼ିକରେ ଆଲୋଚନା କରାଯିବାକୁ ଥିବା **କାର୍ଯ୍ୟସୂଚୀ ବିଷୟଗୁଡ଼ିକୁ** ପ୍ରସ୍ତୁତ କରିବା।

vii. ଏସ୍.ଏମ୍.ସି ବିବରଣୀ, ବୈଠକ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା, ବୈଠକରେ ଉପସ୍ଥିତ ସଦସ୍ୟ, କାର୍ଯ୍ୟସୂଚୀ ଏବଂ ବୈଠକର ମିନିଟ୍ସ ଇତ୍ୟାଦି ରେକର୍ଡ କରିବା ପାଇଁ ନିୟମ

ଅନୁଯାୟୀ ଏକ ରେଜିଷ୍ଟର ପରିଚାଳନା କରିବା|

viii. ବୈଠକର **ବିବରଣୀ ଏବଂ ନିଷ୍ପତ୍ତିଗୁଡ଼ିକୁ** ସଠିକ୍ ଭାବରେ ଲିପିବଦ୍ଧ କରି, କମିଟିର ସମସ୍ତ ସଦସ୍ୟ ଏବଂ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରାଇବା|

ix. ଏସ୍.ଏମ୍.ସି ଗଠନ ହେବାର ଏକ ମାସ ମଧ୍ୟରେ ଏହାର ସଦସ୍ୟମାନଙ୍କୁ **ଦକ୍ଷତା ବିକାଶ ତାଲିମ** ପ୍ରଦାନ କରାଯିବା ସୁନିଶ୍ଚିତ କରିବା ଆବଶ୍ୟକ| ଆବଶ୍ୟକତା ଅନୁଯାୟୀ ଏସ୍.ଏମ୍.ସି ସଦସ୍ୟମାନଙ୍କ ପାଇଁ ସମୟାନୁକ୍ରମେ ତାଲିମ/କର୍ମଶାଳା ମଧ୍ୟ ଆୟୋଜନ କରାଯାଇପାରିବ|

x. ୟୁନିଫାଇଡ୍ ଡିଷ୍ଟ୍ରିକ୍ଟ ଇନଫରମେସନ୍ ସିଷ୍ଟମ୍ ଫର୍ ଏଜୁକେସନ୍ ପ୍ଲସ୍ (ୟୁ-ଡାଇସ୍+) ପୋର୍ଟାଲରେ ଉପଲବ୍ଧ **ବିଦ୍ୟାଳୟ ରିପୋର୍ଟ କାର୍ଡକୁ** ବିଦ୍ୟାଳୟର ପ୍ରମୁଖ ସ୍ଥାନଗୁଡ଼ିକରେ ପ୍ରଦର୍ଶନ କରାଯିବା ଉଚିତ୍ ଏବଂ ପ୍ରଥମ ବୈଠକରେ ଏସ୍.ଏମ୍.ସି ସଦସ୍ୟମାନଙ୍କୁ ଏହା ଉପଲବ୍ଧ କରାଇବା ଉଚିତ୍|

xi. ଏସ୍.ଏମ୍.ସି ବୈଠକ, ଗଠନ, ପିତାମାତା/ଅଭିଭାବକଙ୍କ ମଧ୍ୟରୁ ସଦସ୍ୟ ଚୟନ ପାଇଁ ନିର୍ବାଚନ, ଏସ୍.ଏମ୍.ସିରେ ମନୋନୀତ ସଦସ୍ୟଙ୍କ ଅନ୍ତର୍ଭୁକ୍ତି ଆଦି ପ୍ରସଙ୍ଗରେ ଜିଲ୍ଲା/ବ୍ଲକ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ/ସୂଚନାର ଅନୁପାଳନ ସୁନିଶ୍ଚିତ କରିବା ଆବଶ୍ୟକ|

xii. ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀ କିମ୍ବା ଅନ୍ୟ କୌଣସି ଉଚ୍ଚାଧିକାରୀଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ଅନ୍ୟାନ୍ୟ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ|

## 2.4 କାର୍ଯ୍ୟକାଳ

ଏସ୍.ଏମ୍.ସି ସଦସ୍ୟମାନଙ୍କର କାର୍ଯ୍ୟକାଳ 2 ବର୍ଷ ଅଟେ| ନୂତନ କମିଟି ଗଠନ ନହେବା ପର୍ଯ୍ୟନ୍ତ ଏସ୍.ଏମ୍.ସି 2 ବର୍ଷର କାର୍ଯ୍ୟକାଳ ପରେ ମଧ୍ୟ କାର୍ଯ୍ୟ ଜାରି ରଖିପାରିବ| ଏସ୍.ଏମ୍.ସିର କାର୍ଯ୍ୟରେ କୌଣସି ବାଧା ସୃଷ୍ଟି ନହେବା ପାଇଁ, ବର୍ତ୍ତମାନର ଏସ୍.ଏମ୍.ସିର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନୂତନ କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରିବା ଉଚିତ୍| **ଜଣେ ସଦସ୍ୟଙ୍କୁ ଆଉ ଏକ କାର୍ଯ୍ୟକାଳ ପାଇଁ ପୁନଃ ମନୋନୀତ କରାଯାଇପାରିବ, କିନ୍ତୁ ସଦସ୍ୟ ସଚିବଙ୍କ ବ୍ୟତୀତ ଅନ୍ୟ କୌଣସି ସଦସ୍ୟ କ୍ରମାଗତ 2ଟି କାର୍ଯ୍ୟକାଳରୁ ଅଧିକ ସମୟ ପଦବୀରେ ରହିବା ଉଚିତ୍ ନୁହେଁ|**

i. ନିମ୍ନଲିଖିତ ପରିସ୍ଥିତିରେ ଏସ୍.ଏମ୍.ସି ସଦସ୍ୟମାନଙ୍କର କାର୍ଯ୍ୟକାଳ ରଦ୍ଦ କରାଯିବ:

   (a) ପିତାମାତା/ଅଭିଭାବକଙ୍କ ପିଲାମାନେ ବିଦ୍ୟାଳୟ ଛାଡ଼ିଦେଲେ|

   (b) ଅପରାଧିକ ଅଭିଯୋଗ କିମ୍ବା ଅନ୍ୟ କୌଣସି କାରଣରୁ ସଦସ୍ୟ ଅଟକ ହେଲେ/ଦୋଷୀ ସାବ୍ୟସ୍ତ ହେଲେ|

   (c) ବ୍ଲକ/ଜିଲ୍ଲାରୁ ସଦସ୍ୟଙ୍କ ଅଭିଗମନ|

   (d) ସଦସ୍ୟଙ୍କ ଆକସ୍ମିକ ମୃତ୍ୟୁ|

   (e) ବିନା କୌଣସି ସୂଚନାରେ ସଦସ୍ୟ କ୍ରମାଗତ 4ଟି ବୈଠକରେ ଅନୁପସ୍ଥିତ ରହିଲେ|

ii. ବିନ୍ଦୁ (I) ରେ ଉଲ୍ଲିଖିତ ଯେକୌଣସି କାରଣରୁ ସୃଷ୍ଟି ହୋଇଥିବା କୌଣସି ଆକସ୍ମିକ ଶୂନ୍ୟସ୍ଥାନକୁ କାର୍ଯ୍ୟକାରୀ କର୍ତ୍ତୃପକ୍ଷ/ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ପୂରଣ କରାଯିବା ଉଚିତ୍|

## 2.5 ଏସ୍.ଏମ୍.ସି ପିତାମାତା/ ଅଭିଭାବକ ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟା

ବିଦ୍ୟାଳୟ ପରିଚାଳନାରେ ଅର୍ଥପୂର୍ଣ୍ଣ ଗୋଷ୍ଠୀ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ, ଏସ୍.ଏମ୍.ସିରେ ପିତାମାତା କିମ୍ବା ଅଭିଭାବକ ସଦସ୍ୟମାନଙ୍କ ନିର୍ବାଚନ ଏକ ଗଣତାନ୍ତ୍ରିକ, ସ୍ୱଚ୍ଛ ଏବଂ ସର୍ବସମାବେଶକ ପଦ୍ଧତିରେ ପରିଚାଳିତ ହେବା ଉଚିତ୍| ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସେମାନଙ୍କର ସମ୍ବନ୍ଧିତ ନିୟମ କିମ୍ବା ଆଦେଶ ଅନୁଯାୟୀ ଏସ୍.ଏମ୍.ସି ସଦସ୍ୟମାନଙ୍କ ନିର୍ବାଚନ ଏବଂ ନାମାଙ୍କନ ପାଇଁ ନିଜସ୍ୱ ବିସ୍ତୃତ ପ୍ରକ୍ରିୟା ନିର୍ଦ୍ଧାରଣ କରିପାରିବେ| ନିମ୍ନରେ ବର୍ଣ୍ଣନା କରାଯାଇଥିବା ନିର୍ବାଚନ ପ୍ରକ୍ରିୟାଟି ହେଉଛି ସୂଚନାତ୍ମକ:

i. ଶିକ୍ଷାବର୍ଷର ଆରମ୍ଭରେ, ସମ୍ପୃକ୍ତ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ ନିର୍ବାଚନ ପରିଚାଳନାର କାର୍ଯ୍ୟସୂଚୀ ଏବଂ ପ୍ରକ୍ରିୟାକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରି, ନାମ ଲେଖାଇଥିବା ପିଲାମାନଙ୍କର ପିତାମାତା ଏବଂ ସମସ୍ତ ଅଭିଭାବକଙ୍କୁ ନୋଟିସ୍ ଜାରି କରିବା ମାଧ୍ୟମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ଉଚିତ୍।

ii. ପଞ୍ଜୀକୃତ ହୋଇଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସମ୍ବନ୍ଧରେ (ଯାହାଙ୍କ ନାମ ନାମଲେଖା ଆବେଦନରେ ପୂର୍ବରୁ ପଞ୍ଜୀକୃତ ହୋଇଛି) କେବଳ ଜଣେ ମାତା କିମ୍ବା ପିତା କିମ୍ବା ଅଭିଭାବକ ଏହି ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ଅଟନ୍ତି।

iii. ପିତାମାତା କିମ୍ବା ଅଭିଭାବକମାନେ ନିଜକୁ ମନୋନୀତ କରିପାରିବେ କିମ୍ବା ବିଦ୍ୟାଳୟ ପରିସରର ଅନ୍ୟ ଯୋଗ୍ୟ ତଥା ଆଗ୍ରହୀ ପିତାମାତା/ଅଭିଭାବକଙ୍କୁ ମନୋନୀତ କରିପାରିବେ। ଏସ୍.ଇ.ଡି.ଜି. ଏବଂ ସି.ଡବ୍ଲ୍ୟୁ.ଏସ୍.ଏନ୍. ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ସହିତ ମହିଳାମାନଙ୍କ ପାଇଁ 50% ପ୍ରତିନିଧିତ୍ୱ ଏବଂ ବିଦ୍ୟାଳୟର ସମସ୍ତ ଶ୍ରେଣୀରୁ ପ୍ରତିନିଧିତ୍ୱ ରହିବା ନିଶ୍ଚିତ କରିବା ଆବଶ୍ୟକ।

iv. ନିର୍ଦ୍ଧାରିତ ଆସନ ସଂଖ୍ୟା ଠାରୁ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବା କ୍ଷେତ୍ରରେ, ହାତ ଟେକିବା କିମ୍ବା ମୌଖିକ ଭୋଟ୍ ମାଧ୍ୟମରେ ନିର୍ବାଚନ କରାଯିବା ଉଚିତ୍; ତଥାପି, ଯଦି କୌଣସି ବିବାଦ କିମ୍ବା ଅମୀମାଂସିତ ସମସ୍ୟା ଉପୁଜେ, ତେବେ ନିରପେକ୍ଷତା ସୁନିଶ୍ଚିତ କରିବାକୁ ଗୁପ୍ତ ବାଲାଟ୍ ମାଧ୍ୟମରେ ଭୋଟ୍ ଗ୍ରହଣ କରାଯାଇପାରିବ।

v. ଭୋଟ୍ ଗ୍ରହଣ ସମୟରେ ପଞ୍ଜୀକୃତ ପିଲାମାନଙ୍କର ପିତାମାତା କିମ୍ବା ଅଭିଭାବକଙ୍କ ମଧ୍ୟରୁ ଅତିକମରେ 50% କୋରମ୍ ଉପସ୍ଥିତ ରହିବା ବାଧ୍ୟତାମୂଳକ।

vi. ନିରପେକ୍ଷତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜଣେ ନିଯୁକ୍ତ ଶିକ୍ଷା ଅଧିକାରୀ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ଏହି ନିର୍ବାଚନ ପ୍ରକ୍ରିୟା ତଦାରଖ କରାଯାଇପାରିବ।

vii. ପ୍ରକ୍ରିୟା ଶେଷ ହେବା ପରେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଧିବଦ୍ଧ ଭାବରେ ନିର୍ବାଚିତ ହୋଇଥିବା ସମସ୍ତ ପିତାମାତା କିମ୍ବା ଅଭିଭାବକ ସଦସ୍ୟଙ୍କ ନାମ ପଞ୍ଜୀକରଣ କରିବା ଉଚିତ୍।

**ଏସ୍.ଏମ୍.ସି ଗଠନ ହେବା ପରେ, ନୂତନ ଭାବେ ଗଠିତ କମିଟିର ପ୍ରଥମ ବୈଠକ ପରବର୍ତ୍ତୀ କାର୍ଯ୍ୟଦିବସରେ କିମ୍ବା ସର୍ବାଧିକ ଏକ ସପ୍ତାହ ମଧ୍ୟରେ ଅନୁଷ୍ଠିତ ହୋଇପାରିବ। ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କୁ ପ୍ରଥମ ବୈଠକରେ ନିର୍ବାଚିତ କରିବା ଉଚିତ୍।**

## 2.6 ଏସ୍.ଏମ୍.ସି ଉପ-କମିଟିଗୁଡ଼ିକ

ଏସ୍.ଏମ୍.ସି ର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ସଦସ୍ୟ ସଚିବ ନିଜର ଆବଶ୍ୟକତା ଅନୁଯାୟୀ ଏସ୍.ଏମ୍.ସି ସଦସ୍ୟମାନଙ୍କୁ ନେଇ ଉପ-କମିଟି ଗଠନ କରିପାରିବେ। ଏସ୍.ଏମ୍.ସି କୁ ଦୁଇଟି ଉପ-କମିଟି ନିମ୍ନଲିଖିତ ଭାବରେ ସାହାଯ୍ୟ କରିପାରିବେ:

(a) **ବିଦ୍ୟାଳୟ ଗୃହ ନିର୍ମାଣ କମିଟି:** ବିଦ୍ୟାଳୟର ଭିତ୍ତିଭୂମି ନିର୍ମାଣ, ପୁନରୁଦ୍ଧାର, ମରାମତି ଏବଂ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଯୋଜନା, ଆକଳନ, ପରିଚାଳନା, ତଦାରଖ, ରିପୋର୍ଟ ପ୍ରଦାନ ଏବଂ ହିସାବ ପରିଚାଳନା ପାଇଁ ବିଦ୍ୟାଳୟ ଗୃହ ନିର୍ମାଣ କମିଟିକୁ ଦାୟୀ କରାଯାଇପାରେ। ଏହା ସୁରକ୍ଷା, ଶିଶୁ ଏବଂ ଲିଙ୍ଗ-ଅନୁକୂଳ ସୁବିଧା, ସମସ୍ତଙ୍କ ପାଇଁ ଉପଲବ୍ଧତା, ନିର୍ଦ୍ଦିଷ୍ଟ ଆର୍ଥିକ ଏବଂ ବୈଷୟିକ ମାନକର ଅନୁପାଳନକୁ ସୁନିଶ୍ଚିତ କରିବା ସହ ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତ ଏବଂ ଶିକ୍ଷାର୍ଥୀ-ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ

ସମସ୍ତ ନିର୍ମାଣ କାର୍ଯ୍ୟର ସମୟାନୁବର୍ତ୍ତୀ ରୂପାୟନ ନିମନ୍ତେ ଦୃଢ଼ ତଦାରଖ କରେ|

(b) **ଏକାଡେମିକ୍ କମିଟି:** ଯୋଜନା, ଆକଳନ, ପରିଚାଳନା, ତଦାରଖ, ରିପୋର୍ଟ ପ୍ରଦାନ, ୟୁଡାଇସ୍+ ପାଇଁ ତଥ୍ୟ ସଂଗ୍ରହ ଭଳି ସମସ୍ତ ଶିକ୍ଷାଗତ କାର୍ଯ୍ୟକଳାପ ପାଇଁ ଏକାଡେମିକ୍ କମିଟି ଦାୟୀ ରହିବ| ଅର୍ଥନୈତିକ-ସାମାଜିକ, ଲିଙ୍ଗଗତ ଏବଂ ଭିନ୍ନକ୍ଷମ ସମ୍ବନ୍ଧୀୟ ପ୍ରତିବନ୍ଧକଗୁଡ଼ିକୁ ଦୂର କରି ଶିକ୍ଷାର ଗୁଣବତ୍ତା ଏବଂ ସମାନତାରେ ନିରନ୍ତର ଉନ୍ନତି ସୁନିଶ୍ଚିତ କରିବା; ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥାନର ତଦାରଖ କରିବା; ମାର୍ଗଦର୍ଶନ ଏବଂ ପରାମର୍ଶକୁ ସମର୍ଥନ କରିବା; ଛାତ୍ରଛାତ୍ରୀଙ୍କ ପ୍ରଗତି ଉପରେ ନଜର ରଖିବା; ଉନ୍ନତ ଶିକ୍ଷଣ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା; ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ସାମଗ୍ରିକ ଶିକ୍ଷାଗତ, ସାମାଜିକ ଏବଂ ବ୍ୟକ୍ତିତ୍ୱ ବିକାଶକୁ ବୃଦ୍ଧି କରିବା ଏହାର ଦାୟିତ୍ୱ ଅଟେ| ଏହି ଦାୟିତ୍ୱଗୁଡ଼ିକୁ ସମ୍ପାଦନ କରିବା ଦ୍ୱାରା, ଏହି କମିଟି ଛାତ୍ରଛାତ୍ରୀଙ୍କ ସଫଳତା ଏବଂ ବିଦ୍ୟାଳୟ ପରିବେଶର ସାମଗ୍ରିକ ଶିକ୍ଷାଗତ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରାଥମିକ ସଂରକ୍ଷକ ଭାବରେ କାର୍ଯ୍ୟ କରେ|

## 3. ଏସ୍.ଏମ୍.ସିର ଭୂମିକା ଏବଂ ଦାୟିତ୍ୱ କିମ୍ବା କାର୍ଯ୍ୟ

ଏସ୍.ଏମ୍.ସି **ବିଦ୍ୟାଳୟର ସଫଳ ପରିଚାଳନା ସୁନିଶ୍ଚିତ କରିବା ଏବଂ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ**| ବିଦ୍ୟାଳୟର ସାମଗ୍ରିକ କାର୍ଯ୍ୟକଳାପର ତଦାରଖ କରିବା ଏବଂ ସମଗ୍ର ଶିକ୍ଷା, ପି.ଏମ୍. ଶ୍ରୀ ଏବଂ ପି.ଏମ୍. ପୋଷଣ ଭଳି ଶିକ୍ଷା ଯୋଜନାଗୁଡ଼ିକର ସମୟାନୁବର୍ତ୍ତୀ ତଥା ପ୍ରଭାବଶାଳୀ ରୂପାୟନକୁ ତଦାରଖ କରିବା ଏହାର ପ୍ରାଥମିକ କାର୍ଯ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ| ଭିତ୍ତିଭୂମିରେ ଥିବା ଅଭାବକୁ ଚିହ୍ନଟ କରିବା, ବିଦ୍ୟମାନ ସୁବିଧାଗୁଡ଼ିକର ସର୍ବେକ୍ଷଣ କରିବା ଏବଂ ବିଦ୍ୟାଳୟର ନିର୍ଦ୍ଦିଷ୍ଟ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ମାଧ୍ୟମରେ ସାମଗ୍ରିକ ବିଦ୍ୟାଳୟ ଉନ୍ନୟନ ଯୋଜନା (ଏସ୍.ଡି.ପି.) ପ୍ରସ୍ତୁତ ଓ ସୁପାରିଶ କରିବା ପାଇଁ ଏସ୍.ଏମ୍.ସି ଦାୟୀ ଅଟେ| ବିଦ୍ୟାଳୟର ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ସି.ଏସ୍.ଆର୍. (CSR) ରୁ ଅନୁଦାନ ବା ଚାନ୍ଦା ସଂଗ୍ରହ କରିବା ନିମନ୍ତେ ଏସ୍.ଏମ୍.ସି ଦାୟୀ| ବିଦ୍ୟାଳୟ-ଗୋଷ୍ଠୀ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପିତାମାତା ଓ ଗୋଷ୍ଠୀର ଅଂଶଗ୍ରହଣକୁ ଉତ୍ସାହିତ କରିବା ସହିତ, ସମ୍ପୃକ୍ତ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ଅନ୍ୟାନ୍ୟ ଉତ୍ସରୁ ପ୍ରାପ୍ତ ପାଣ୍ଠି (ଅନୁଦାନ) ର ବିନିଯୋଗକୁ ମଧ୍ୟ ଏହା ତଦାରଖ କରିଥାଏ| ବିଦ୍ୟାଳୟର ଆବଶ୍ୟକତାଗୁଡ଼ିକୁ ଚିହ୍ନଟ କରିବା ଏବଂ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଦ୍ୱାରା ଏସ୍.ଏମ୍.ସି ବିଦ୍ୟାଳୟ, ଗୋଷ୍ଠୀ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିଥାଏ, ଯାହାଦ୍ୱାରା ଏକ ସର୍ବସମାବେଶୀ, ନିରାପଦ ଏବଂ ଉନ୍ନତ ସମ୍ବଳଯୁକ୍ତ ଶିକ୍ଷଣ ପରିବେଶ ସୃଷ୍ଟି ହୋଇପାରିବ| ତଦନୁଯାୟୀ, ଏସ୍.ଏମ୍.ସି ସଦସ୍ୟମାନଙ୍କର ଭୂମିକା ଏବଂ ଦାୟିତ୍ୱର ମୁଖ୍ୟ ବିଭାଗଗୁଡ଼ିକ ନିମ୍ନଲିଖିତ ମତେ ହୋଇପାରେ:



i. **ସମସ୍ତ ପିଲାଙ୍କ ନାମଲେଖା, ବିଦ୍ୟାଳୟରେ ନିୟମିତ ରହିବା ଏବଂ ଅନ୍ତର୍ଭୁକ୍ତ ଶିକ୍ଷଣ ସୁଯୋଗକୁ ସୁନିଶ୍ଚିତ କରିବା:** ଏସ୍.ଇ.ଡି.ଜି. ଏବଂ ସି.ଡବ୍ଲ୍ୟୁ.ଏସ୍.ଏନ୍. ବର୍ଗର ପିଲାମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ, ଏସ୍.ଏମ୍.ସି ସଦସ୍ୟମାନେ ସମସ୍ତ ପିଲାଙ୍କ ନାମଲେଖା ଏବଂ ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବା ଉଚିତ୍| ବିଦ୍ୟାଳୟ ଶିକ୍ଷା ଗ୍ରହଣ ଓ ସମ୍ପୂର୍ଣ୍ଣ କରିବାରେ କୌଣସି ପିଲା ଯେପରି କୌଣସି ଭେଦଭାବ କିମ୍ବା ବାଧାବିଘ୍ନର ସମ୍ମୁଖୀନ ନହୁଅନ୍ତି, ତାହା ନିଶ୍ଚିତ କରିବା ଆବଶ୍ୟକ| ବିଦ୍ୟାଳୟରେ କୌଣସି ପିଲା ପ୍ରତି ଯେପରି କୌଣସି ନିର୍ଯାତନା କିମ୍ବା ଅତ୍ୟାଚାର

ନହୁଏ, ତାହା ଦେଖିବାରେ ଏସ୍.ଏମ୍.ସି ବିଦ୍ୟାଳୟକୁ ସମର୍ଥନ କରିବା ଉଚିତ୍। ଯଦି ଏପରି କୌଣସି ଘଟଣା ଘଟେ, ତେବେ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇବା ଉଚିତ୍। 'ପ୍ରଶସ୍ତ' ଆପ୍ ଏବଂ ଅନ୍ୟାନ୍ୟ ପଦ୍ଧତି ବ୍ୟବହାର କରି ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ (ସି.ଡବ୍ଲ୍ୟୁ.ଏସ୍.ଏନ୍.) ଚିହ୍ନଟ କରିବାରେ ବିଦ୍ୟାଳୟକୁ ଏସ୍.ଏମ୍.ସି ସାହାଯ୍ୟ କରିବା ଉଚିତ୍ ଏବଂ ସମସ୍ତ କାର୍ଯ୍ୟକଳାପରେ ସେମାନଙ୍କ ଅନ୍ତର୍ଭୁକ୍ତିକରଣକୁ ସମର୍ଥନ କରିବା ଆବଶ୍ୟକ।

ii. **ବିଦ୍ୟାଳୟ ଛାଡ଼ିଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ (OoSC) ପୁନର୍ବାର ବିଦ୍ୟାଳୟରେ ନାମଲେଖାଇବା କାର୍ଯ୍ୟକ୍ରମ:** ବିଦ୍ୟାଳୟ ରେକର୍ଡ ଏବଂ ଗୋଷ୍ଠୀ ତଥ୍ୟାବଳୀ ଆଧାରରେ, ବିଦ୍ୟାଳୟ ବାହାରେ ଥିବା ଏବଂ ବିଦ୍ୟାଳୟ ଛାଡ଼ିଥିବା ପିଲାମାନଙ୍କୁ ଚିହ୍ନଟ କରିବାରେ SMC ସଦସ୍ୟମାନେ ସହାୟତା କରିବା ଉଚିତ୍। ବିଦ୍ୟାଳୟ କର୍ମଚାରୀଙ୍କ ସହିତ ମିଶି ସେମାନଙ୍କ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ସେମାନଙ୍କର ନାମ ଲେଖାଇବା ପାଇଁ ଆବଶ୍ୟକ ପ୍ରୟାସ କରିବା ଉଚିତ୍। ଏହାକୁ ସହଜ କରିବା ପାଇଁ, ମାଗଣା ଏବଂ ବାଧ୍ୟତାମୂଳକ ବିଦ୍ୟାଳୟ ଶିକ୍ଷା ନିୟମାବଳୀକୁ ଘରକୁ ଘର ବୁଲି ପ୍ରଚାର, ପିତାମାତା ଏବଂ ପିଲାଙ୍କ ପରାମର୍ଶ, ସ୍ଥାନୀୟ ଗଣମାଧ୍ୟମ, କମ୍ୟୁନିଟି ରେଡିଓ, ଗ୍ରାମସଭା ଏବଂ ଅନ୍ୟାନ୍ୟ ଗୋଷ୍ଠୀ ପ୍ଲାଟଫର୍ମ ମାଧ୍ୟମରେ ବ୍ୟାପକ ପ୍ରଚାର କରାଯାଇପାରିବ। ବିଦ୍ୟାଳୟ ଶିକ୍ଷା ଗ୍ରହଣ ଏବଂ ସମ୍ପୂର୍ଣ୍ଣ କରିବାରେ ଯେପରି କୌଣସି ପିଲା ପଛରେ ନ ରୁହନ୍ତି, ସେଥିପାଇଁ ସମସ୍ତ ପ୍ରୟାସ କରାଯିବା ଉଚିତ୍। ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ତଥ୍ୟାବଳୀ ଅଦ୍ୟତନ କରିବାରେ, ଏବଂ ପ୍ରାକ୍-ପ୍ରାଥମିକ (ବାଲବାଟିକା / ଅଙ୍ଗନୱାଡ଼ି) ରୁ 1ମ ଶ୍ରେଣୀ, ମୌଳିକ ସ୍ତରରୁ ପ୍ରସ୍ତୁତି ସ୍ତର (2ୟ ଶ୍ରେଣୀରୁ 3ୟ ଶ୍ରେଣୀ), ପ୍ରସ୍ତୁତି ସ୍ତରରୁ ମଧ୍ୟମ ସ୍ତର (5ମ ଶ୍ରେଣୀରୁ ୬ଷ୍ଠ ଶ୍ରେଣୀ) ଏବଂ ମଧ୍ୟମ ସ୍ତରରୁ ମାଧ୍ୟମିକ ସ୍ତର (୫ମ ଶ୍ରେଣୀରୁ ୨ମ ଶ୍ରେଣୀ) କୁ ଯାଉଥିବା ପିଲାମାନଙ୍କ ତଥ୍ୟାବଳୀ ଅଦ୍ୟତନ କରିବାରେ SMC ବିଦ୍ୟାଳୟଗୁଡ଼ିକୁ ସହାୟତା କରିପାରିବ।

iii. **ଛାତ୍ରଛାତ୍ରୀଙ୍କ ସୁବିଧାସୁଯୋଗ ଠିକ୍ ସମୟରେ ମିଳିବା ସୁନିଶ୍ଚିତ କରିବା:** ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ, ୟୁନିଫର୍ମ, ଛାତ୍ରବୃତ୍ତି, ଷ୍ଟାଇପେଣ୍ଡ ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକ ଠିକ୍ ସମୟରେ ମିଳିବା SMC ସଦସ୍ୟମାନେ ସୁନିଶ୍ଚିତ କରିବା ଉଚିତ୍।

iv. **ପିତାମାତା-ଶିକ୍ଷକ ବୈଠକ (PTMs) ରେ ସହାୟତା:** ଏକାଡେମିକ୍ ଏବଂ କ୍ରୀଡ଼ା, ଫିଟନେସ୍, ସ୍ୱାସ୍ଥ୍ୟ, କଳା, ଆଚରଣ, ବ୍ୟବହାର ଇତ୍ୟାଦି ଅନ୍ୟାନ୍ୟ କାର୍ଯ୍ୟକଳାପରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ସେୟାର କରିବା ପାଇଁ ନିୟମିତ PTM ଆୟୋଜନ କରିବାରେ SMC ପୂର୍ଣ୍ଣ ସହାୟତା ପ୍ରଦାନ କରିପାରିବ। ପିଲାମାନଙ୍କର ଶିକ୍ଷାଗତ ଯାତ୍ରାରେ ପିତାମାତା/ଅଭିଭାବକଙ୍କୁ ସାମିଲ କରିବା ପାଇଁ PTM ଏକ ପ୍ରଭାବଶାଳୀ ମାଧ୍ୟମ ଅଟେ।

v. **ଏକାଡେମିକ୍ ଯୋଜନା ଏବଂ ସହାୟତା:** ସମଗ୍ର ଶିକ୍ଷା ଅଭିଯାନ ଏବଂ NEP 2020 ଅଧୀନରେ ଥିବା ନିୟମ ଏବଂ ମାନକଗୁଡ଼ିକୁ ବିଦ୍ୟାଳୟଗୁଡ଼ିକ ପାଳନ କରିବା SMC ସଦସ୍ୟମାନେ ସୁନିଶ୍ଚିତ କରିବା ଉଚିତ୍। ଶିକ୍ଷକମାନେ ନିୟମିତ ଭାବରେ ବିଦ୍ୟାଳୟକୁ ଆସିବା, ଠିକ୍ ସମୟରେ ସିଲାବସ୍ ପୂରଣ କରିବା ଏବଂ ପିଲାମାନଙ୍କର ଅଗ୍ରଗତି ବିଷୟରେ ଜଣାଇବା ପାଇଁ ପିତାମାତାଙ୍କୁ ଭେଟିବା ସେମାନେ ତଦାରଖ କରିବା ଉଚିତ୍। ଶିକ୍ଷକ ଅଭାବ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଏବଂ ଶିକ୍ଷକମାନେ ମୁଖ୍ୟତଃ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ହେବା ପାଇଁ କମିଟି ସହାୟତା ପ୍ରଦାନ କରିଥାଏ।

ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ (ଏଲ୍.ଓ.)ରେ ଉନ୍ନତି ଆଣିବା ପାଇଁ, ବିଦ୍ୟାଳୟ କ୍ୟାଲେଣ୍ଡର ପ୍ରସ୍ତୁତ କରିବାରେ, ଶ୍ରେଣୀଗୃହ କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ କରିବାରେ ଏବଂ ଶିକ୍ଷଣ ବ୍ୟବଧାନକୁ ଚିହ୍ନଟ କରିବାରେ ଏସ୍.ଏମ୍.ସି ଶିକ୍ଷକମାନଙ୍କୁ ସହଯୋଗକରିବା ଉଚିତ୍। ଶିକ୍ଷଣର ନିରନ୍ତରତାରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ଶିକ୍ଷକ ବାରମ୍ବାର ଅନୁପସ୍ଥିତ ରହୁଥିଲେ ଏସ୍.ଏମ୍.ସି ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇବା ଆବଶ୍ୟକ।

ଶିକ୍ଷଣକୁ ଅଧିକ ଆକର୍ଷଣୀୟ, ପ୍ରାସଙ୍ଗିକ ଏବଂ ସମାଜ ସହିତ ସଂଯୁକ୍ତ କରିବା ତଥା ବ୍ୟାଗବିହୀନ ଦିବସକୁ ସମୃଦ୍ଧ କରିବା ପାଇଁ ଏସ୍.ଏମ୍.ସି ନିମ୍ନଲିଖିତ ପଦକ୍ଷେପ ନେବା ଉଚିତ୍:

- **ସମୁଦାୟ ଭିତ୍ତିକ ଶିକ୍ଷଣ କାର୍ଯ୍ୟକ୍ରମର ପରିଚାଳନାକୁ ସୁଗମ କରିବା ଉଚିତ,** ଅନୁଭୂତିମୂଳକ ଶିକ୍ଷଣକୁ ବୃଦ୍ଧି କରିବା ପାଇଁ ବିଜ୍ଞାନ ପ୍ରଦର୍ଶନୀ, ଐତିହ୍ୟ ପଦଯାତ୍ରା କିମ୍ବା ପରିବେଶ ଅଭିଯାନ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଆବଶ୍ୟକ|
- **ପ୍ରକଳ୍ପ ଭିତ୍ତିକ ଶିକ୍ଷଣକୁ ପ୍ରୋତ୍ସାହିତ କରିବାରେ ସହାୟତା ପ୍ରଦାନ କରିବା ଉଚିତ,** ଏଥିରେ ଶ୍ରେଣୀଗୃହ ଜ୍ଞାନକୁ ବାସ୍ତବ ଜୀବନର ଆହ୍ୱାନ ସହିତ ସଂଯୋଗ କରି ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା କିମ୍ବା ସ୍ଥାୟୀ କୃଷି ଭଳି ସାମୁଦାୟିକ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଆବଶ୍ୟକ|
- **ଦକ୍ଷତାର ଚାହିଦାକୁ ନିମ୍ନଲିଖିତ ବିଷୟଗୁଡ଼ିକ ଅନୁଯାୟୀ ବୃଦ୍ଧି କରିବା ଉଚିତ,** ଏନଇପି 2020 ନିର୍ଦ୍ଦେଶାବଳୀ ଅନୁଯାୟୀ ଦକ୍ଷତା ଶିକ୍ଷା ପାଇଁ ପ୍ରାସଙ୍ଗିକ ଦକ୍ଷତାକୁ ସମନ୍ୱିତ କରିବା ଏବଂ ଇଣ୍ଟର୍ଣ୍ଣସିପ୍ କିମ୍ବା ଆପ୍ରେଣ୍ଟିସସିପ୍‌କୁ ସୁଗମ କରିବା ନିମନ୍ତେ, ସ୍ଥାନୀୟ ବ୍ୟବସାୟ ଏବଂ ଶିଳ୍ପର ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବା ଉଚିତ|

vi. **ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଏଫ୍.ଏଲ୍.ଏନ୍.) ଲକ୍ଷ୍ୟ ହାସଲ କରିବାରେ ସମର୍ଥନ:** ନିପୁଣ ଭାରତ ମିଶନ ଅଧୀନରେ ଏଫ୍.ଏଲ୍.ଏନ୍. ଲକ୍ଷ୍ୟ ହାସଲ କରିବା ପାଇଁ ଏସ୍.ଏମ୍.ସି ସମାଜ ଏବଂ ପିତାମାତାଙ୍କ ଅଂଶଗ୍ରହଣକୁ ଅଧିକ ପ୍ରୋତ୍ସାହିତ କରିବା ଉଚିତ୍|[2], ପ୍ରାରମ୍ଭିକ ଶ୍ରେଣୀରେ ପିଲାମାନଙ୍କ ମାତୃଭାଷା ବ୍ୟବହାରକୁ ପ୍ରୋତ୍ସାହିତ କରିବା, ସ୍ଥାନୀୟ ଭାଷା ପଠନ କୋଣ, ଗଳ୍ପ କହିବା ଅଧିବେଶନ ଏବଂ ପିତାମାତାଙ୍କ ନେତୃତ୍ୱରେ ପଠନ କ୍ଲବ୍ ଗଠନକୁ ସମର୍ଥନ ଦେଇ ପ୍ରତ୍ୟେକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଇଁ ସାମୂହିକ ଉତ୍ତରଦାୟିତ୍ୱ ବୃଦ୍ଧି କରିବା| ଶିକ୍ଷକ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ବହୁଭାଷୀ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀର ବିକାଶରେ ମଧ୍ୟ ଏସ୍.ଏମ୍.ସି ସହାୟତା କରିପାରିବ... ସମସ୍ତ ଛାତ୍ରଛାତ୍ରୀ ଗ୍ରେଡ୍-ଉପଯୁକ୍ତ ଏଫ୍.ଏଲ୍.ଏନ୍. ଦକ୍ଷତା ହାସଲ କରିବା ନିଶ୍ଚିତ କରି ବିଦ୍ୟାଳୟକୁ 'ନିପୁଣ' କରିବାକୁ ଉଦ୍ଦିଷ୍ଟ ସମୟବଦ୍ଧ ପ୍ରୟାସକୁ ଏସ୍.ଏମ୍.ସି ସମର୍ଥନ କରିବା ଉଚିତ୍| ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ଏବଂ ଶିକ୍ଷକମାନଙ୍କ ସହଯୋଗରେ, ପ୍ରାଥମିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନରେ ଛାତ୍ରଛାତ୍ରୀଙ୍କ ଅଗ୍ରଗତିର ଆକଳନ, ଦୃଢ଼ୀକରଣ ଏବଂ ଉତ୍ସବ ପାଳନ ପାଇଁ ପର୍ଯ୍ୟାୟକ୍ରମିକ ଗୋଷ୍ଠୀ ଶିକ୍ଷଣ ଉତ୍ସବ, ପଠନ ଅଭିଯାନ କିମ୍ବା ସମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ| ଏହା ଆନନ୍ଦଦାୟକ ହେବା ନିଶ୍ଚିତ କରିବା ପାଇଁ ଅଙ୍ଗନୱାଡ଼ି କର୍ମୀ ଏବଂ ପ୍ରାଥମିକ ଶିକ୍ଷକମାନଙ୍କ ମଧ୍ୟରେ ମିଳିତ ଯୋଜନା ଏବଂ କାର୍ଯ୍ୟକଳାପକୁ ଏସ୍.ଏମ୍.ସି ପ୍ରୋତ୍ସାହିତ କରିବା ଉଚିତ୍, ଖେଳ-ଆଧାରିତ ପ୍ରାରମ୍ଭିକ ଶିକ୍ଷଣ, ଏବଂ ଅଙ୍ଗନୱାଡ଼ିରୁ ବିଦ୍ୟାଳୟକୁ ସହଜ ସ୍ଥାନାନ୍ତର| ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବିକାଶ ଏବଂ ସାଂସ୍କୃତିକ ମୂଳଦୁଆକୁ ସମର୍ଥନ କରିବା ପାଇଁ ସ୍ଥାନୀୟ ଗୀତ, କବିତା, ହସ୍ତଶିଳ୍ପ ଏବଂ ପର୍ବପର୍ବାଣିର ବ୍ୟବହାର ସହିତ ବିଦ୍ୟାଳୟ କାର୍ଯ୍ୟକଳାପରେ ପାରମ୍ପରିକ ଜ୍ଞାନ, କଳା ଏବଂ ସ୍ଥାନୀୟ ଐତିହ୍ୟକୁ ସମନ୍ୱିତ କରିବା ପାଇଁ କମିଟି ସ୍ଥାନୀୟ କଳାକାର, କାରିଗର ଏବଂ ବୟସ୍କମାନଙ୍କ ସହ ସହଯୋଗ କରିପାରିବ| ନିପୁଣ ଭାରତ କାର୍ଯ୍ୟକାରୀ ମାର୍ଗଦର୍ଶିକା (2021)ର ଅଧ୍ୟାୟ 14 ରେ ପିତାମାତା ଏବଂ ଗୋଷ୍ଠୀର ସମ୍ପୃକ୍ତି ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରାଯାଇଛି|

vii. **ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ (ପିଏମ୍ ପୋଷଣ) ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ:**

[2] ନିପୁଣ ଭାରତ (ନ୍ୟାସନାଲ୍ ଇନିସିଏଟିଭ୍ ଫର୍ ପ୍ରୋଫିସିଏନ୍ସି ଇନ୍ ରିଡିଂ ୱିଥ୍ ଅଣ୍ଡରଷ୍ଟାଣ୍ଡିଂ ଆଣ୍ଡ ନ୍ୟୁମେରେସି) ହେଉଛି ଏନ୍.ଇ.ପି. 2020 ଅଧୀନରେ ଏକ ଜାତୀୟ ମିଶନ| 2026-27 ସୁଦ୍ଧା ପ୍ରତ୍ୟେକ ଶିଶୁ 2ୟ ଶ୍ରେଣୀ ଶେଷ କରିବା ପୂର୍ବରୁ ଯେପରି ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଏଫ୍.ଏଲ୍.ଏନ୍.) ହାସଲ କରିବେ, ତାହା ନିଶ୍ଚିତ କରିବା ଏହାର ଲକ୍ଷ୍ୟ| ବୁନିୟାଦୀ ସ୍ତରରେ ପଢ଼ିବା, ଲେଖିବା ଏବଂ ସଂଖ୍ୟାଜ୍ଞାନରେ ଶ୍ରେଣୀ ସ୍ତରୀୟ ଦକ୍ଷତା ହାସଲ କରିବା ଏହି ମିଶନର ଉଦ୍ଦେଶ୍ୟ| ଏହାର ମାର୍ଗଦର୍ଶିକା ଏଠାରେ ଉପଲବ୍ଧ: https://www.education.gov.in/sites/upload_files/mhrd/files/nipun_bharat_eng1.pdf

